ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: Facebook YouTube Twitter

ବର୍ଷ-୬ | ସଂଖ୍ୟା-୭୦ | ସୋମବାର | ୨ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-70 | Monday | 2 June 2025 | Bhubaneswar | Pages-8 | Rs. 2.00

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣା: ଲିଟର ପିଛା ୩ ଟଙ୍କା ଅଧିକ ପାଇବେ ଦୁଗ୍ଧ ଚାଷୀ

## ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଶୁଭ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧।୬ (ହି.ସ): ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକସେବା ଭବନ ସମ୍ମେଳନ କକ୍ଷଠାରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ-୨୦୨୫ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଓମଫେଡ଼ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ ବୋଲି ଘୋଷଣା କରିବା ସହିତ ଓମଫେଡ ଚାଷୀ ମାନଙ୍କୁ ୧ ଲକ୍ଷ ଟଙ୍କା ଦୁର୍ଘଟଣା ଜନିତ ମୃତ୍ୟୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଓମଫେଡ୍ ବାଲ୍ଟି ଦହି, ଏ-୨ ମିଲ୍କ, ଏ-୨ ଘିଅର ଶୁଭ ଉଦ୍ଘାଟନ ମୁଖ୍ୟମନ୍ତ୍ରୀଙ୍କ କର କମଳରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଅବସରରେ, କାମଧେନୁ ଯୋଜନା ଅନ୍ତର୍ଗତ ଗୋପାଳନ, ମଇଁଷି ଉଦ୍ୟୋଗ ବିକାଶ, ମାଈ ବାଛୁରୀ ପାଳନ, ଗୋମହିଷାଦିଙ୍କ ବୀମାକରଣ, ଗୋପାଳକଙ୍କ ଆୟବୃଦ୍ଧି ନିମନ୍ତେ ନଗଦ ପ୍ରୋତ୍ସାହନ ଏବଂ ଘାସଚାଷ ପାଇଁ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ, ସେ ୨୦୨୪-୨୫ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ପ୍ରାୟ ୩ ଲକ୍ଷ ଗୋପାଳକଙ୍କୁ ୭୧ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ ଓ ରାଜ୍ୟର ୭୭ ଗୋଟି ପଞ୍ଜିକୃତ ଗୋଶାଳାରେ ଅସହାୟ ଗାଈଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ପ୍ରାଣି କଲ୍ୟାଣ ସଂଗଠନମାନଙ୍କୁ ୧୦.୫ କୋଟି ଟଙ୍କାର ଆର୍ଥିକ ସହାୟତା ବଂଟନ କରିଥିଲେ। ସୂଚନାଯୋଗ୍ୟ, ପୋଷଣୀୟ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ପ୍ରାଣୀପାଳକଙ୍କ ଅବଦାନ, ସୁଷମ ଖାଦ୍ୟ ମଧ୍ୟରେ ଦୁଗ୍ଧର ଉପକାରିତା ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ଲକ୍ଷ୍ୟରେ ୨୦୦୧ ମସିହା ଠାରୁ ପ୍ରତ୍ୟେକ ବର୍ଷ ଜୁନ ମାସ ୧ ତାରିଖରେ ବିଶ୍ୱ ଦୁଗ୍ଧ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ଥିମ ରହିଛି"ଲେଟସ୍ ସେଲିବ୍ରେଟ୍ ଦ ପାୱାର ଅଫ୍ ଡେରୀ ବା ଆସନ୍ତୁ,ଦୁଗ୍ଧ ଶକ୍ତି ପାଳନ କରିବା।" ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ବହୁଗୁଣିତ କରିବା ସହ ଦୁଗ୍ଧ ଚାଷୀଙ୍କ ଜୀବନ ଜୀବିକାକୁ ସୁରକ୍ଷିତ କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରତିବଦ୍ଧ ଅଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ, ଏବଂ ଦୁଗ୍ଧ ଉତ୍ପାଦନ ଆମ ଗ୍ରାମୀଣ ଅର୍ଥନୀତିର ଏକ ପ୍ରମୁଖ ଅଙ୍ଗ। ଏହା କେବଳ ଏକ ଆୟର ଉତ୍ସ ନୁହେଁ, ବରଂ ଆମ ସମାଜରେ ପୁଷ୍ଟିକର ଖାଦ୍ୟ ଯୋଗାଇବାରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଆମ ରାଜ୍ୟରେ ୨୦୨୩-୨୪ ବର୍ଷରେ ୨୬.୪ ଲକ୍ଷ ମେଟ୍ରିକ ଟନ୍ ଦୁଗ୍ଧ ଉତ୍ପାଦିତ ହୋଇଥିବା ବେଳେ ଏହାକୁ ଆଗାମୀ ୫ ବର୍ଷରେ ଦ୍ୱିଗୁଣିତ କରିବା ପାଇଁ ଆମ ସରକାର ପ୍ରୟାସଶୀଳ। ସେଥିପାଇଁ ଆମର ଏହି ଲୋକଙ୍କ ସରକାର ରାଜ୍ୟରେ ଗୋପାଳନର ବିକାଶ ଓ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଆରମ୍ଭ କରିଛନ୍ତି, 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'। ସେ କହିଥିଲେ ଯେ, 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ରେ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ୩ ଲକ୍ଷ ହିତାଧିକାରୀ ୭୧ କୋଟି ଟଙ୍କାର ଅନୁଦାନ ରାଶି ପାଇ ଉପକୃତ ହୋଇସାରିଲେଣି। ଏହି କାମଧେନୁ ଯୋଜନା ଅଧିନରେ ଅନେକ ଯୋଜନା ଆଜି ଆମର ରାଜ୍ୟ ଚାଷୀଙ୍କୁ ସମୃଦ୍ଧ କରୁଛି। ପ୍ରାଣିକଲ୍ୟାଣ ପ୍ରତି ଆମ ସରକାର ସର୍ବଦା ସମ୍ବେଦନଶୀଳ। ସହାନୁଭୂତି, ସଂବେଦନଶୀଳତା ଓ ପର୍ଯ୍ୟାବରଣ ସୁରକ୍ଷା ପ୍ରତି ଥିବା ଉତରଦାୟିତ୍ୱକୁ ଭଲଭାବରେ ବୁଝି ନୂତନ ଗୋଶାଳା ପ୍ରତିଷ୍ଠା ଓ ପଞ୍ଜୀକୃତ ଗୋଶାଳାକୁ ସହାୟତା ଲକ୍ଷ୍ୟରେ ଆମ ସରକାର ୧୮୬ କୋଟି ଟଙ୍କା ବ୍ୟୟ-ଅଟକଳରେ 'ମୁଖ୍ୟମନ୍ତ୍ରୀ ପ୍ରାଣିକଲ୍ୟାଣ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ବୁଲା ଓ ଅସହାୟ ଗୋରୁଗାଈଙ୍କ ଖାଦ୍ୟ, ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ପଞ୍ଜୀକୃତ ଗୋଶାଳାଗୁଡିକୁ ଗୋରୁ ପିଛା ଦୁଇଟି କିସ୍ତିରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଉଛି। ପ୍ରଥମ ପର୍ଯ୍ୟାୟରେ ଗତ ନଭେମ୍ବର ମାସରେ ୬୮ ଟି ଗୋଶାଳାକୁ ୯ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୭୭ ଟି ଗୋଶାଳାକୁ ୧୦.୫ କୋଟି ଟଙ୍କାର ଅନୁଦାନ ଆଜି ଦିଆଯାଇଛି। ଏହି ଅର୍ଥ ରାଜ୍ୟର ପ୍ରାୟ ୨୨ ହଜାର ନିରାଶ୍ରୟ ଗୋରୁଗାଈଙ୍କ ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଅତ୍ୟନ୍ତ ଆନନ୍ଦର ବିଷୟ, ରାଜ୍ୟର ଖାଉଟିଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଆଜି ଓମଫେଡ୍ ପକ୍ଷରୁ ତିନୋଟି ନୂଆ ଉତ୍ପାଦର ବଜାରପ୍ରବେଶ କରାଯାଉଛି। ସେଗୁଡିକ ହେଲା-ବାଲ୍ଟି ଦହି, ଆମ ଓଡିଶାର ବିଞ୍ଝାରପୁରୀ ଗାଈ କ୍ଷୀରରୁ ପ୍ରସ୍ତୁତ ଦେଶୀ ଗାଈ ଘିଅ ଓ ସେହି ଗାଈ ପ୍ରଜାତିର ଇ୨ କ୍ଷୀର। ଆଜିଠାରୁ • ପୃଷ୍ଠା ୭ ଦେଖନ୍ତୁ...

# ଶିବ ଓ ପାର୍ବତୀଙ୍କ ବିବାହ ସମ୍ପନ୍ନ

## ଭକ୍ତ କରିବେ ଯୁଗଳ ଦର୍ଶନ





ସମ୍ବଲପୁର, ୧।୬ (ଡିକେ ନ୍ୟୁଜ): ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଦେବ ଦେବ ମହାଦେବ ଓ ଦେବୀ ପାର୍ବତୀଙ୍କ ପରିଣୟ ସମ୍ପନ୍ନ ହୋଇଯାଇଛି। ଏଥିପାଇଁ ବିଭିନ୍ନ ଶିବାଳୟ ଗୁଡିକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ପରମ୍ପରା ଅନୁଯାୟୀ ପୂର୍ବ ବର୍ଷ ପାର୍ବତୀଙ୍କ କନ୍ୟା ପିତାମାତା ଭୂମିକା ନେଇଥିବା ଦମ୍ପତ୍ତିଙ୍କ ଘରକୁ ଦେବୀଙ୍କୁ ନିଆଯାଇଥିଲା। ସେଠାରେ ଗଣ୍ଠାଳ ଫିଟା ନୀତି ଅନୁଷ୍ଠିତ ହୋଇଥିଲା। ପରେ ଚଳିତବର୍ଷ କନ୍ୟା ପିତାମାତା ହୋଇଥିବା ଦମ୍ପତ୍ତି ଦେବୀ ପାର୍ବତୀଙ୍କୁ ନିଜ ଘରକୁ ନେଇ ଯାଇଥିଲେ। ସେଠାରେ ପାର୍ବତୀ ଏବଂ ଶିବାଳୟରେ ମହାଦେବଙ୍କ ସ୍ୱତନ୍ତ୍ର ଅଭିଷେକ ଓ ବେଶ କରାଯାଇଥିଲା। ମହାଦେବ ବିଭିନ୍ନ ପ୍ରକାରର ସ୍ୱର୍ଣ୍ଣ ଓ ରୂପା ଆଭୂଷଣରେ ସଜ୍ଜିତ ହୋଇ ରାତିରେ ବର ବେଶରେ ବାହାରିଥିଲେ। ଭୋଳାନାଥଙ୍କୁ ସ୍ୱତନ୍ତ୍ର ପାଲିଙ୍କି ସହ ଶୋଭାଯାତ୍ରାରେ ବିବାହ ମଣ୍ଡପକୁ ନିଆଯାଇଥିଲା। ବିଭିନ୍ନ ପଡ଼ାରୁ ବାହାରିଥିବା ଏହି ଶୋଭାଯାତ୍ରାମାନଙ୍କରେ ଘଣ୍ଟ, ଶଙ୍ଖ, ସମ୍ପ୍ରଦା, ଡମ୍ବରୁ, ପଞ୍ଚବାଦ୍ୟ ସହ ରାଜ୍ୟ ଓ ରାଜ୍ୟ ବାହାରର ହଜାର ହଜାର କଳାକାର ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରା ପରେ ମାହେନ୍ଦ୍ର ବେଳାରେ ବିବାହ ମଣ୍ଡପ ଗୁଡିକରେ ଲୌକିକ ରୀତିରେ ଶିବ ଓ ପାବତୀଙ୍କ ପରିଣୟ ସମ୍ପନ୍ନ ହୋଇଥିଲା। ବଂ ବଂ ବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ସହ ଚନ୍ଦ୍ରଶେଖର, ସାକ୍ଷୀଗୋପୀନାଥ, ପଞ୍ଚବକ୍ତ୍ର ଏବଂ ନୃସିଂହ ମହାପ୍ରଭୁ ସୁସଜ୍ଜିତ ବିମାନ ଗୁଡିକରେ ବରଯାତ୍ରୀରେ ବାହାରି ଶୋଭାଯାତ୍ରା ସହ ବିବାହସ୍ଥଳକୁ ପହଞ୍ଚିଥିଲେ। ନନ୍ଦପଡ଼ାର ରାମଚରଣ ମିଶ୍ର ଏବଂ ବବିତା ମିଶ୍ର ବର ପିତାମାତା ଓ ଝାରସୁଗୁଡ଼ାର ବମ୍ବେ ଛକ ନିବାସୀ ପ୍ରତାପ ନନ୍ଦ ଓ ଲିପିକା ନନ୍ଦ କନ୍ୟା ପିତାମାତା ଭୂମିକା ଗ୍ରହଣ କରିଥିଲେ। ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ମନ୍ତ୍ରୋଚ୍ଚାରଣ କରିଥିଲେ। ସ୍ଥାନୀୟ ନାରୀସେବା ସଦନ ହଲ୍ ଠାରେ ସ୍ୱତନ୍ତ୍ର ମଣ୍ଡପରେ ଏଥିପାଇଁ ବିବାହ ବେଦୀ • ପୃଷ୍ଠା ୭ ଦେଖନ୍ତୁ...

# କେନ୍ଦ୍ରୀୟ ଫରେନସିକ୍ ବିଜ୍ଞାନ ପ୍ରୟୋଗଶାଳାର ନୂତନ ଭବନକୁ ଉଦଘାଟନ କଲେ ଅମିତ ଶାହ



କୋଲକାତା, ୧।୬ (ପିଆଇବି): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ରବିବାର ପଶ୍ଚିମବଙ୍ଗରେ କୋଲକାତାସ୍ଥିତ କେନ୍ଦ୍ରୀୟ ଫୋରେନସିକ୍ ବିଜ୍ଞାନ ପରୀକ୍ଷାଗାର (ସିଏଫଏସଏଲ୍)ର ନୂତନ କୋଠା ଉଦଘାଟନ କରିଛନ୍ତି। ଏହି ଅବସରରେ, କେନ୍ଦ୍ର ଗୃହ ସଚିବ ଏବଂ ଅନେକ ସମ୍ମାନିତ ବ୍ୟକ୍ତି ଉପସ୍ଥିତ ଥିଲେ। ତାଙ୍କ ଭାଷଣରେ, କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଭାରତ ସରକାର ଏକ ସୁରକ୍ଷିତ, ସ୍ୱଚ୍ଛ ଏବଂ ପ୍ରମାଣ-ଭିତ୍ତିକ ଅପରାଧିକ ନ୍ୟାୟ ବ୍ୟବସ୍ଥା ଗଠନ ପାଇଁ ଏକ ଦୃଷ୍ଟିକୋଣ ସହିତ କାର୍ଯ୍ୟ କରୁଛନ୍ତି। ସେ କହିଛନ୍ତି ଯେ ଆଜି, ଏହି ପ୍ରୟାସରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଯୋଡା ହେଉଛି। ୮୮ କୋଟି ଟଙ୍କା ବ୍ୟୟରେ କୋଲକାତାରେ ନିର୍ମିତ ଫୋରେନସିକ୍ ବିଜ୍ଞାନ ପରୀକ୍ଷାଗାର (ଏଫଏସଏଲ୍) ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଓଡ଼ିଶା, ଆସାମ, ସିକିମ୍ ଏବଂ ଉତ୍ତର- ପୂର୍ବର ସମସ୍ତ ରାଜ୍ୟକୁ ଏକ ପ୍ରମାଣ- ଭିତ୍ତିକ ଅପରାଧିକ ନ୍ୟାୟ ବ୍ୟବସ୍ଥା ବିକଶିତ କରିବାରେ ଏବଂ ଏକ ସାମଗ୍ରିକ ଆଭିମୁଖ୍ୟ ସହିତ ଭୂମିକା ନିର୍ବାହ କରିବାରେ ସାହାଯ୍ୟ କରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଶ୍ରୀ ଶାହ କହିଛନ୍ତି ଯେ, ଆମର ତିନୋଟି ନୂତନ ଅପରାଧିକ ଆଇନ କାର୍ଯ୍ୟକାରୀ କରିବାରେ, ଏହି ଏଫଏସଏଲ୍ ପ୍ରମାଣ, ଫୋରେନସିକ୍ ବିଜ୍ଞାନର ଗୁରୁତ୍ୱକୁ ବୁଝିବା, ଗ୍ରହଣ କରିବାରେ ସହାୟକ ହେବ ଏବଂ ଏଥିରେ ଦୋଷୀମାନଙ୍କ ଦୋଷକୁ ସାବ୍ୟସ୍ତ କରିବା ପାଇଁ ପ୍ରତ୍ୟେକ ପୋଲିସ ଷ୍ଟେସନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ମୋଦୀ ସରକାର ୩ - ୪ଟି ରାଜ୍ୟକୁ ନେଇ କ୍ଲଷ୍ଟର ଗଠନ କରି ଦେଶବ୍ୟାପୀ ଏଫଏସଏଲ୍ ଗୁଡ଼ିକର ଏକ ନେଟୱାର୍କ ପ୍ରତିଷ୍ଠା କରିବା ଉପରେ କାର୍ଯ୍ୟ କରୁଛନ୍ତି, ଯାହା ଦ୍ୱାରା ଅପରାଧିକ ନ୍ୟାୟ ବ୍ୟବସ୍ଥାକୁ ପ୍ରମାଣ-ଭିତ୍ତିକ କରାଯାଇପାରିବ। ସେ କହିଛନ୍ତି ଯେ, ଏହି କ୍ଲଷ୍ଟର ପଦ୍ଧତି ସହିତ, ଜାନୁଆରୀ ୨୦୨୬ରୁ ଫୋରେନସିକ୍ ବିଜ୍ଞାନକୁ ପୋଲିସ ଷ୍ଟେସନ ସ୍ତରକୁ ନେଇଯିବା, ପ୍ରତ୍ୟେକ କୋର୍ଟରେ ପ୍ରମାଣ ଭାବରେ ଏହାର ଗୁରୁତ୍ୱ ପ୍ରତିଷ୍ଠିତ କରିବା ଏବଂ ପୋଲିସ ଷ୍ଟେସନର • ପୃଷ୍ଠା ୭ ଦେଖନ୍ତୁ...

# କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧।୬ (ହି.ସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ କରି ଏହାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଷ୍ଟୁଡ଼ିଓ ଭାବେ ବିକଶିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏକ ଡିପିଆର ପ୍ରସ୍ତୁତ କରିବା ପାଇଁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ୧୯୮୦ ମସିହାରେ ସ୍ଥାପିତ ହୋଇଥିବା ଏହି ଷ୍ଟୁଡ଼ିଓ ଏକଦା ଚଳଚ୍ଚିତ୍ର ନିର୍ମାଣ ପାଇଁ ଉନ୍ନତ ଯନ୍ତ୍ରପାତି ସହିତ ପୂର୍ବ ଭାରତର ଏକମାତ୍ର ଷ୍ଟୁଡ଼ିଓ ଭାବେ ଖ୍ୟାତି ଅର୍ଜନ କରିଥିଲା । ସମୟକ୍ରମେ ଆଧୁନିକ ଯନ୍ତ୍ରପାତି ଓ ବୈଷୟିକ ଉପକରଣ ଅଭାବରୁ ଷ୍ଟୁଡ଼ିଓଟିର ଚାହିଦା ହ୍ରାସ ପାଇଥିଲା । ଏହାର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି । ନୂଆ ସରକାର ଦାୟିତ୍ୱ ନେବା ପରେ ଏହି ଷ୍ଟୁଡ଼ିଓର ଅତ୍ୟାଧୁନିକୀକରଣକୁ ଗୁରୁତ୍ୱ ଦେବାପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଷ୍ଟୁଡ଼ିଓର ଟେକ୍ ବିଲଡ଼ିଙ୍ଗ, ଏଂଟ୍ରାନ୍ସ ପ୍ଲାଜା, ଇନଡୋର ସୁଟିଙ୍ଗ ବ୍ୟବସ୍ଥା, କଳିଙ୍ଗ ମୁଭି ମ୍ୟାଜିକ୍, ଆଭେନ୍ୟୁ ଲ୍ୟାଣ୍ଡ, ଭିଲେଜ୍ ଏରିଆ, ଆଇକନିକ୍ ଲ୍ୟାଣ୍ଡ ମାର୍କ, ସ୍ନୋ ୱାର୍ଲଡ, କମ୍ୟୁନିଟି ହଲ୍, ବାମ୍ବୋ ଷ୍ଟ୍ରକ୍ଚର, ୱାଟର ବଡ଼ି, ଗ୍ରୀନ ଏରିଆ ଇତ୍ୟାଦି ବିକଶିତ କରାଯାଇଛି । ବାକି ରହିଥିବା କାମ ଗୁଡ଼ିକ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଇଡ୍କୋ ପକ୍ଷରୁ ଏହି ବିକାଶ କାର୍ଯ୍ୟ କରାଯାଉଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଆ ଚଳଚ୍ଚିତ୍ରର ବିକାଶ ପାଇଁ ଏହି ଷ୍ଟୁଡ଼ିଓର ବିକାଶ ଅତ୍ୟନ୍ତ ଆବଶ୍ୟକ । ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଥାଇ ଏହାକୁ ଏକ ସ୍ୱୟଂ ସମ୍ପୂର୍ଣ୍ଣ ଷ୍ଟୁଡ଼ିଓରେ ପରିଣତ କରାଯିବ । ଚଳଚ୍ଚିତ୍ର ଜଗତ ସହିତ ଜଡ଼ିତ ସମସ୍ତଙ୍କ ସହ ଆଲୋଚନା • ପୃଷ୍ଠା ୭ ଦେଖନ୍ତୁ...

# ଆସାମଠାରୁ ସିକ୍କିମ ପର୍ଯ୍ୟନ୍ତ ଜଳପ୍ରଳୟ, ୩୦ ମୃତ

ଗୌହାଟୀ, ୧।୬ (ହି.ସ): ଲଗାଣ ବର୍ଷା ଫଳରେ ଦେଶର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଭୀଷଣ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଯୋଗୁଁ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ସଡ଼କ ପରିବହନ, ରେଳ ଏବଂ ବିମାନ ସେବା ମଧ୍ୟ ପ୍ରଭାବିତ ହୋଇଛି। ଆସାମ, ତ୍ରିପୁରା, ସିକିମ ଏବଂ ଅରୁଣାଚଳ ପ୍ରଦେଶରେ ବନ୍ୟା ଯୋଗୁଁ ୩୦ ଜଣ ଲୋକଙ୍କ ଜୀବନ ଯାଇଛି। ଭାରତୀୟ ପାଣିପାଗ ବିଭାଗ ତାର ସଦ୍ୟତମ ବୁଲେଟିନରେ ପଶ୍ଚିମ ତ୍ରିପୁରା ଏବଂ ଖୋୱାଇ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଏହା ବ୍ୟତୀତ, ବନ୍ୟା ଯୋଗୁଁ ରାଜ୍ୟଗୁଡ଼ିକରେ ସଡ଼କ ପରିବହନ, ଭୂସ୍ଖଳନ, ଫସଲ କ୍ଷତି ଏବଂ ବିଦ୍ୟୁତ ଯୋଗାଣ ସମସ୍ୟା ବିଷୟରେ ସତର୍କ କରାଇଛି। ଭାରତୀୟ ପାଣିପାଗ ବିଭାଗ ତାର ସଦ୍ୟତମ ବୁଲେଟିନରେ ପଶ୍ଚିମ ତ୍ରିପୁରା ଏବଂ ଖୋୱାଇ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ଏହା ବ୍ୟତୀତ, ବନ୍ୟା ଯୋଗୁଁ ରାଜ୍ୟଗୁଡ଼ିକରେ ସଡ଼କ ପରିବହନ, ଭୂସ୍ଖଳନ, ଫସଲ କ୍ଷତି ଏବଂ ବିଦ୍ୟୁତ ଯୋଗାଣ ସମସ୍ୟା ବିଷୟରେ ସତର୍କ କରାଇଛି। ତ୍ରିପୁରାରେ ପ୍ରବଳ ବର୍ଷା ଏବଂ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି, ମୋଟ ୧୩୦୦ ପରିବାରକୁ ରିଲିଫ୍ ଶିବିରକୁ ସ୍ଥାନାନ୍ତର କରାଯାଇଛି। ଏହା ବ୍ୟତୀତ, ଇମ୍ଫାଲରେ ଭାରତୀୟ ସେନା ବର୍ଷା ଏବଂ ବନ୍ୟାରେ ଫସି ରହିଥିବା ଲୋକଙ୍କୁ ସ୍ଥାନାନ୍ତର କରିବାରେ ନିୟୋଜିତ ଅଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆସାମ, ମଣିପୁର, ସିକିମ ଏବଂ ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କୁ ଟେଲିଫୋନ କରି ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି ଏବଂ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିଛନ୍ତି।

# ଦ୍ରୁତ ଗତିରେ ବଢୁଛି କୋଭିଡ୍ ମାମଲା

## କେରଳ, ମହାରାଷ୍ଟ୍ର ଓ ଦିଲ୍ଲୀରେ ସର୍ବାଧିକ ସଂକ୍ରମଣ



ନୂଆଦିଲ୍ଲୀ, ୧।୬ (ହି.ସ): ଭାରତରେ କୋଭିଡ୍ ମାମଲା ପୁଣି ବୃଦ୍ଧି ପାଇଛି। ଗତ ସପ୍ତାହରେ ସଂକ୍ରମଣ ୫ ଗୁଣ ବୃଦ୍ଧି ପାଇ ୨,୭୧୦ରୁ ଅଧିକ ସକ୍ରିୟ ମାମଲା ରେକର୍ଡ ହୋଇଛି। କେରଳରେ ସର୍ବାଧିକ ୧,୪୦୦ ମାମଲା ଚିହ୍ନଟ ହୋଇଥିବା ବେଳେ ମହାରାଷ୍ଟ୍ରରେ ୪୮୫ ଓ ଦିଲ୍ଲୀରେ ୪୩୬ ମାମଲା ରିପୋର୍ଟ ହୋଇଛି। ଗତ ୨୪ ଘଣ୍ଟାରେ ୩୬୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ଏବଂ ୪ ଜଣଙ୍କର ମୃତ୍ୟୁ ହୋଇଛି। ଏହି ବୃଦ୍ଧି ପଛରେ ଓମିକ୍ରନ ଭାରିଏଣ୍ଟର ନୂଆ ଉପପ୍ରଜାତି ଏଲ୍ଏଫ୍.୭, ଏନ୍‌ବି.୧.୮.୪ ଓ ଜେଏନ୍.୧ ମୁଖ୍ୟ କାରଣ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ତେବେ, ଏହି ଉପପ୍ରଜାତିଗୁଡ଼ିକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍ଓ) ଦ୍ୱାରା ଏପର୍ଯ୍ୟନ୍ତ ବିପଦଜନକ ଶ୍ରେଣୀରେ ରଖାଯାଇ ନାହିଁ, ବରଂ ନିରୀକ୍ଷଣ ଅଧୀନ ଭାବେ ବିବେଚନା କରାଯାଉଛି। ଅଧିକାଂଶ ମାମଲା ହାଲୁକା ଏବଂ ରୋଗୀମାନେ ଘରୋଇ ଚିକିତ୍ସାରେ ଆରୋଗ୍ୟ ହେଉଛନ୍ତି। ସାଧାରଣ ଲକ୍ଷଣ ମଧ୍ୟରେ ଜ୍ୱର, କାଶ, ଗଳା ଖରାପ ଓ ଥକ୍କା ଲାଗିବା ଆଦି ରହିଛି। ଚାଇନା ଓ ଏସିଆର ଅନେକ ଅଞ୍ଚଳରେ ସଂକ୍ରମଣ କାୟା ବିସ୍ତାର କରିବା ଆରମ୍ଭ କରିଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି ଯେ ସ୍ଥିତି ଉପରେ ନିକଟରୁ ନଜର ରଖାଯାଉଛି ଏବଂ ଏଥିରେ ଆତଙ୍କିତ ହେବାର ଆବଶ୍ୟକତା ନାହିଁ। କେରଳରେ ଅଧିକ ମାମଲା ରିପୋର୍ଟ ହେବାର କାରଣ ସେଠାରେ ଅଧିକ ପରୀକ୍ଷା କରାଯାଉଥିବା ହେତୁ ହୋଇପାରେ ବୋଲି ଜଣାପଡ଼ିଛି। ଅନ୍ୟ ରାଜ୍ୟ ଯେପରି କର୍ଣ୍ଣାଟକରେ ୨୩୮ ଜଣ, ତାମିଲନାଡୁରେ ୧୯୯, ଗୁଜରାଟରେ ୩୨୦ ଓ ପଶ୍ଚିମବଙ୍ଗରେ ୨୮୭ ଗୋଟି ସଂକ୍ରମଣ ରେକର୍ଡ କରାଯାଇଛି। ଦିଲ୍ଲୀ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ରାଜ୍ୟଗୁଡ଼ିକରେ • ପୃଷ୍ଠା ୭ ଦେଖନ୍ତୁ...



# ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଅଞ୍ଚଳ କାର୍ଯ୍ୟାଳୟରେ ନରାକାସ କେନ୍ଦୁଝରର ଅର୍ଦ୍ଧବାର୍ଷିକୀ ବୈଠକ




**କେନ୍ଦୁଝର,(ଡିକେ ନ୍ୟୁଜ୍):** ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି, କେନ୍ଦୁଝରର ୨୬ତମ ଅର୍ଦ୍ଧବାର୍ଷିକୀ ବୈଠକ ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟଠାରେ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ତଥା କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଅମିତ କୁମାର ପାଲ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ଗୃହ ମନ୍ତ୍ରଣାଳୟ, ରାଜଭାଷା ବିଭାଗ ଅନ୍ତର୍ଗତ କ୍ଷେତ୍ରୀୟ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବାଞ୍ଚଳ)ର ପ୍ରତିନିଧିତ୍ୱ କରୁଥିବା ଉପ ନିର୍ଦ୍ଦେଶକ ଡଃ ବିଚିତ୍ର ସେନ ଗୁପ୍ତା ଅତିଥି ରୂପେ ଏଥିରେ ଉପସ୍ଥିତ ଥିଲେ। ରାଜଭାଷା ବିଭାଗ, ପ୍ରଧାନ କାର୍ଯ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ସହାୟକ ମହାପ୍ରବନ୍ଧକ (ରାଜଭାଷା ପ୍ରଭାରୀ) ସୁଶ୍ରୀ ମଉ ମୈତ୍ରା ଏଥିରେ ଯୋଗ ଦେଇଥିଲେ। ନରାକାସ ସଦସ୍ୟ ସଚିବ ଦେବ ଜୈସ୍ୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ସଦସ୍ୟ କାର୍ଯ୍ୟାଳୟର କାର୍ଯ୍ୟାଳୟ ମୁଖ୍ୟମାନେ ନିଜ ନିଜର ରାଜଭାଷା ଅଧିକାରୀମାନଙ୍କ ସହ ଏଥିରେ ଉପସ୍ଥିତ ଥିଲେ। ଏହି ବୈଠକ ସଫଳତାର ସହ ଆୟୋଜିତ ହୋଇଥିବା ସହ ନରାକାସ କେନ୍ଦୁଝରର ଅର୍ଦ୍ଧବାର୍ଷିକୀ ପତ୍ରିକା କେନ୍ଦୁଝର ତାରିଣୀ ମଧ୍ୟ ଉନ୍ମୋଚିତ ହୋଇଥିଲା। ଡଃ ବିଚିତ୍ର ସେନ ଗୁପ୍ତା ନରାକାସ କେନ୍ଦୁଝରର ସକ୍ରିୟତା ପାଇଁ ଏହାକୁ ପ୍ରଶଂସା କରିଥିଲେ। ବ୍ୟାଙ୍କ ଅଫ୍ ଇଣ୍ଡିଆ କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ଉପ-ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ ବେହେରା ସମସ୍ତ ମାନ୍ୟଗଣ୍ୟ ସଦସ୍ୟମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଖୁବ୍‌ଶୀଘ୍ର ୟୁପିଆଇ-ଏଟିଏମ୍‌ରୁ ସିଧାସଳଖ ଉଠାଇ ପାରିବେ ଇପିଏଫ୍‌ଓ ଟଙ୍କା




**ନୂଆଦିଲ୍ଲୀ,(ହି.ସ):** ଖୁବ୍‌ଶୀଘ୍ର ୟୁପିଆଇ ଏବଂ ଏଟିଏମ୍‌ରୁ ସିଧାସଳଖ ଟଙ୍କା ଉଠାଇପାରିବେ ଇପିଏଫ୍‌ଓ ଉପଭୋକ୍ତା। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ଏ ନେଇ ଜୋରଦାର ପ୍ରସ୍ତୁତି ଚଳାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଇପିଏଫ୍‌ଓ-୩.୦ର ବ୍ୟବସ୍ଥା ଅନୁସାରେ କର୍ମଚାରୀଙ୍କୁ ଖୁବ୍‌ଶୀଘ୍ର ଏଟିଏମ୍ ଏବଂ ୟୁପିଆଇରୁ ସିଧାସଳଖ ପିଏଫ୍ ଟଙ୍କା ଉଠାଇବାର ସୁବିଧା ମିଳିବ। ଇପିଏଫ୍‌ଓ ୩.୦ ଅଧୀନରେ ପିଏଫ୍ ଖାତାଧାରୀଙ୍କୁ ଉଠାଣ କାର୍ଡ ପ୍ରଦାନ କରାଯିବ। ଏହା ସମ୍ପୂର୍ଣ୍ଣ ରୂପେ ବ୍ୟାଙ୍କ୍ ଏଟିଏମ୍ କାର୍ଡ ଭଳି ରହିବ। ନୂଆ ସୁବିଧା ଅନୁସାରେ, ଏକ ନିର୍ଦ୍ଧାରିତ ରାଶି ଧାର୍ଯ୍ୟ କରାଯିବ, ଯାହାକୁ ଉଠାଣ କରାଯାଇପାରିବ। ଏହାଦ୍ୱାରା କର୍ମଚାରୀ ଆପାତ କାଳରେ ତତ୍କାଳ ଟଙ୍କା ଉଠାଇପାରିବେ। ଏହାସହିତ ଅବସର ପରେ ବି ପର୍ଯ୍ୟାପ୍ତ ରାଶି ଆକାଉଣ୍ଟରେ ସୁନିଶ୍ଚିତ ରହିବ।

**କିପରି ହେବ ଉଠାଣ:** ଏହି ନୂଆ ପ୍ରକ୍ରିୟାରେ ଇପିଏଫ୍‌ଓ ଏହାର ସଦସ୍ୟମାନଙ୍କୁ ଏକ ବିଶେଷ ଏଟିଏମ୍ କାର୍ଡ ଜାରି କରିବ, ଯାହା ୟୁଜରଙ୍କ ପିଏଫ୍ ଆକାଉଣ୍ଟ ସହ ଲିଙ୍କ୍ ହୋଇଥିବ। ଏହି କାର୍ଡର ବ୍ୟବହାର କରି ଇପିଏଫ୍‌ଓ ସଦସ୍ୟମାନେ ଏଟିଏମ୍ ମେସନ୍‌ରୁ ସିଧାସଳଖ ନିଜ ପିଏଫ୍ ଟଙ୍କା ଉଠାଇପାରିବେ। ସେହିଭଳି ୟୁପିଆଇରୁ ଟଙ୍କା ଉଠାଣ ପାଇଁ ୟୁଜରଙ୍କୁ ନିଜର ପିଏଫ୍ ଆକାଉଣ୍ଟକୁ ୟୁପିଆଇ ସହ ଲିଙ୍କ୍ କରିବାକୁ ପଡ଼ିବ। ଏହା ପରେ ସେ ପିଏଫ୍ ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିପାରିବେ। ପିଏଫ୍ ଉଠାଣ ନିୟମ ଅଧୀନରେ ଯଦି କୌଣସି ଉପଭୋକ୍ତାଙ୍କ ଚାକିରି ଚାଲିଯାଏ ତେବେ ସେ ମାସକ ପରେ ପିଏଫ୍ ଖାତାରୁ ୭୫% ଟଙ୍କା ଉଠାଇପାରିବେ। ଏହାଦ୍ୱାରା ସେ ବେରୋଜଗାର ସମୟରେ ନିଜ ଆବଶ୍ୟକତାକୁ ପୂରଣ କରିପାରିବେ। ଅବଶିଷ୍ଟ ୨୫% ଟଙ୍କାକୁ ଚାକିରି ଯିବାର ଦୁଇ ମାସ ପରେ ଉଠାଯାଇପାରିବେ। କର୍ମଚାରୀଙ୍କୁ ଯଦି କୌଣସି କମ୍ପାନୀରେ କାର୍ଯ୍ୟ କରିବାରେ ୫ ବର୍ଷ ପୂରଣ ହୋଇଯାଇଥାଏ ଏବଂ ସେ ପିଏଫ୍ ଟଙ୍କା ଉଠାଉଛନ୍ତି ତେବେ ତାହା ଉପରେ ଆୟକର ବୋଝ ନ ଥାଏ। ୫ ବର୍ଷର ଅବଧି ଏକ୍ କିମ୍ବା ଅଧିକ କମ୍ପାନୀଗୁଡ଼ିକୁ ମିଶାଇ ବି ହୋଇପାରେ। ଗୋଟିଏ କମ୍ପାନୀରେ ୫ ବର୍ଷ ପୂରଣ କରିବାର ଆବଶ୍ୟକତା ନାହିଁ। ମୋଟ୍ ଅବଧି ଅନ୍ୟୁନ ୫ ବର୍ଷ ହୋଇଥିବା ଜରୁରୀ। ଯଦି କର୍ମଚାରୀ ଚାକିରିରେ ୫ ବର୍ଷ ପୂରଣ ହେବା ପୂର୍ବରୁ ପିଏଫ୍ ଖାତାରୁ ୫୦ ହଜାର ଟଙ୍କାରୁ ଅଧିକ ରାଶି ଉଠାଉଥାନ୍ତି ତେବେ ତାହା ଉପରେ ୧୦% ଟିଡିଏସ୍ ଦେବାକୁ ପଡ଼ିଥାଏ। ସେହିଭଳି ଯଦି ପାନ୍ କାର୍ଡ ନ ଥାଏ ତେବେ ୩୦% ଟିଡିଏସ୍ ଦେବାକୁ ପଡ଼ିବ। ତେବେ ଯଦି କର୍ମଚାରୀ ଫର୍ମ ୧୫ଜି/୧୫ଏଚ୍ ଦାଖଲ କରନ୍ତି ତେବେ କୌଣସି ଟିଡିଏସ୍ କଟାଯାଇ ନ ଥାଏ।

# ଉତ୍ପାଦନ ଖର୍ଚ୍ଚରେ ଭାରତ ସବୁଠାରୁ ଶସ୍ତା ଦେଶ ହୋଇଥିବାରୁ ଚୀନ୍‌ରେ ଉତ୍ତେଜନା ବୃଦ୍ଧି



**ନୂଆଦିଲ୍ଲୀ,(ହି.ସ):** ଭାରତ ଏବେ ଉତ୍ପାଦନ ଖର୍ଚ୍ଚ ଦୃଷ୍ଟିରୁ ବିଶ୍ୱର ସବୁଠାରୁ ଶସ୍ତା ଦେଶ। ଏହା ଚୀନ୍ ଏବଂ ଭିଏତନାମକୁ ପଛରେ ପକାଇ ଦେଇଛି। ୱାର୍ଲ୍ଡ ଅଫ୍ ଷ୍ଟାଟିଷ୍ଟିକ୍ସ ୟୁଏସ୍ ନ୍ୟୁଜ୍ ଏବଂ ୱାର୍ଲ୍ଡ ରିପୋର୍ଟରୁ ସୋସିଆଲ ମିଡିଆରେ ଏକ ତାଲିକା ସେୟାର କରାଯାଇଛି। ଏଥିରେ ଭାରତ ପ୍ରଥମ ସ୍ଥାନରେ ଅଛି। ଏହା ପରେ ଚୀନ୍ ଏବଂ ଭିଏତନାମ ରହିଛି। ତାଲିକାରେ ଥାଇଲ୍ୟାଣ୍ଡ, ଫିଲିପାଇନ୍ସ, ବାଂଲାଦେଶ, ଇଣ୍ଡୋନେସିଆ, କାମ୍ବୋଡିଆ, ମାଲେସିଆ ଏବଂ ଶ୍ରୀଲଙ୍କା ମଧ୍ୟ ରହିଛି। ୟୁଏସ୍ ନ୍ୟୁଜ୍ ଏବଂ ୱାର୍ଲ୍ଡ ରିପୋର୍ଟ ଦ୍ୱାରା ୮୯ ଦେଶ ମଧ୍ୟରେ ଏହି ମୂଲ୍ୟାଙ୍କନ କରାଯାଇଛି। ଚୀନ୍ ଦୀର୍ଘଦିନ ଧରି ବିଶ୍ୱର ଫ୍ୟାକ୍ଟ୍ରି ଫ୍ଲୋର ରହିଆସିଛି। ଏହାର କାରଣ ଏହାର ବିଶାଳ ଏବଂ ଅପେକ୍ଷାକୃତ ଶସ୍ତା ଶ୍ରମଶକ୍ତି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଭିଏତନାମ ଏକ ଗୁରୁତ୍ୱପୂର୍ଣ୍ଣ କମ୍ ମୂଲ୍ୟର ଉତ୍ପାଦନ କେନ୍ଦ୍ର ଭାବରେ ମଧ୍ୟ ଉଭା ହୋଇଛି। ଉତ୍ପାଦନ ଖର୍ଚ୍ଚରେ ଭାରତ ସବୁଠାରୁ ଶସ୍ତା ଦେଶ ହୋଇଥିବାରୁ ଚୀନ୍‌ରେ ଉତ୍ତେଜନା ବୃଦ୍ଧି କରିବାକୁ ଯାଉଛି। ଏହା ଭାରତକୁ ବିଶ୍ୱ ସ୍ତରରେ ଏକ ଆକର୍ଷଣୀୟ ଉତ୍ପାଦନ ଗନ୍ତବ୍ୟସ୍ଥଳ କରିବ। କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କର ଉତ୍ପାଦନ ୟୁନିଟ୍ ସ୍ଥାପନ କରିବାକୁ କିମ୍ବା ଏଠାରୁ ସୋର୍ସିଂ କରିବାକୁ ଆକର୍ଷିତ ହେବେ। ଏହା ଦେଶରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ ବୃଦ୍ଧି କରିବ। ଉତ୍ପାଦନ ଖର୍ଚ୍ଚ ଦୃଷ୍ଟିରୁ ଭାରତ ବିଶ୍ୱର ସବୁଠାରୁ ଶସ୍ତା ଦେଶ ହେବା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଏହାର ସୁଦୂରପ୍ରସାରୀ ସକାରାତ୍ମକ ଆର୍ଥିକ ପରିଣାମ ହୋଇପାରେ। ତଥାପି, ଏହି ଗତିକୁ ବଜାୟ ରଖିବା ଏବଂ ଭାରତକୁ ଏକ ପ୍ରକୃତ ବିଶ୍ୱ ଉତ୍ପାଦନ ମହାଶକ୍ତି କରିବା ପାଇଁ ଭିତ୍ତିଭୂମି, ଦକ୍ଷତା ବିକାଶ ଏବଂ ବ୍ୟବସାୟ କରିବାର ସହଜତା ଭଳି କ୍ଷେତ୍ରଗୁଡ଼ିକ ଉପରେ ନିରନ୍ତର ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ ହେବ। ଭାରତ ବିଶ୍ୱରେ ଏକ ନମ୍ବର: ୟୁଏସ୍ ନ୍ୟୁଜ୍ ଆଣ୍ଡ ୱାର୍ଲ୍ଡ ରିପୋର୍ଟ ଅନୁଯାୟୀ, ଭାରତରେ ଉତ୍ପାଦନ ଖର୍ଚ୍ଚ ବିଶ୍ୱରେ ସବୁଠାରୁ କମ୍। ୱାର୍ଲ୍ଡ ଅଫ୍ ଷ୍ଟାଟିଷ୍ଟିକ୍ସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ୟୁଏସ୍ ନ୍ୟୁଜ୍ ଆଣ୍ଡ ୱାର୍ଲ୍ଡ ରିପୋର୍ଟରୁ ବିଶ୍ୱରେ ସବୁଠାରୁ କମ୍ ଉତ୍ପାଦନ ଖର୍ଚ୍ଚ ଥିବା ୮୯ଟି ଦେଶର ତାଲିକା ପ୍ରକାଶ କରିଛି। ଭାରତ ପରେ ଚୀନ୍ ଏବଂ ଭିଏତନାମ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ବିଶ୍ୱରେ ସବୁଠାରୁ କମ ଉତ୍ପାଦନ ଖର୍ଚ୍ଚ ଥିବା ଦେଶ ତାଲିକାରେ ଭାରତ ପ୍ରଥମ ସ୍ଥାନରେ ଅଛି। ଶୀର୍ଷ-୧୦ ତାଲିକାରେ ଭାରତ, ଚୀନ୍, ଭିଏତନାମ, ଥାଇଲ୍ୟାଣ୍ଡ, ଫିଲିପାଇନ୍ସ, ବାଂଲାଦେଶ, ଇଣ୍ଡୋନେସିଆ, କାମ୍ବୋଡିଆ, ମାଲେସିଆ, ଶ୍ରୀଲଙ୍କା ଭଳି ଦେଶ ଅନ୍ତର୍ଭୁକ୍ତ। ୟୁଏସ୍ ନ୍ୟୁଜ୍ ଆଣ୍ଡ ୱାର୍ଲ୍ଡ ରେକର୍ଡ ୮୯ଟି ଦେଶକୁ ମୂଲ୍ୟାଙ୍କନ କରିଛି। ସବୁଠାରୁ ଶସ୍ତା ଉତ୍ପାଦନ ଖର୍ଚ୍ଚ ସହିତ ଶୀର୍ଷ ୧୦ଟି ଦେଶ ତାଲିକାରେ ଥାଇଲ୍ୟାଣ୍ଡ ଚତୁର୍ଥ ଏବଂ ଫିଲିପାଇନ୍ସ ପଞ୍ଚମ ସ୍ଥାନରେ ଅଛି। ଏହି ତାଲିକାରେ ବାଂଲାଦେଶ (ଷଷ୍ଠ), ଇଣ୍ଡୋନେସିଆ (ସପ୍ତମ), କାମ୍ବୋଡିଆ (ଅଷ୍ଟମ), ମାଲେସିଆ (ନବମ) ଏବଂ ଶ୍ରୀଲଙ୍କା (ଦଶମ) ସ୍ଥାନ ପାଇଛି। ତାଲିକାରେ ଘାନା, କେନିଆ, ମେକ୍ସିକୋ, ଦକ୍ଷିଣ ଆଫ୍ରିକା, କଲମ୍ବିଆ, ଏଲ ସାଲଭାଡୋର, ଚିଲି, କାଜାଖସ୍ତାନ, ଉଜବେକିସ୍ତାନ, ଟ୍ୟୁନିସିଆ ଏବଂ ଆଲଜେରିଆ ପରବର୍ତ୍ତୀ ସ୍ଥାନରେ ଅଛନ୍ତି।

# ମେ’ ମାସରେ ଜିଏସ୍‌ଟି ସଂଗ୍ରହ ୨ ଲକ୍ଷ କୋଟି ଟପିଲା




**ନୂଆଦିଲ୍ଲୀ,(ହି.ସ):** ନିକଟରେ ସମାପ୍ତ ମେ’ ମାସରେ ଦେଶର ଜିଏସଟି ରାଜସ୍ୱ ୧୬.୪ ପ୍ରତିଶତ ବୃଦ୍ଧି ପାଇ ୨ ଲକ୍ଷ ୧ ହଜାର ୫୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା ୨ୟ ସର୍ବାକାଳୀନ ମାସିକ ଜିଏସଟି ସଂଗ୍ରହ। ଏହା ପୂର୍ବରୁ ଗତ ଏପ୍ରିଲ ମାସରେ ଜିଏସଟି ସଂଗ୍ରହ ରେକର୍ଡ ୨ ଲକ୍ଷ ୩୬ ହଜାର କୋଟିକୁ ବୃଦ୍ଧି ପାଇଥିଲା। ମେ’ ମାସରେ ଓଡ଼ିଶାର ଜିଏସଟି ସଂଗ୍ରହ ୨ ପ୍ରତିଶତ ବୃଦ୍ଧି ପାଇ ୫୧୦୮ ଟଙ୍କାରେ ପହଞ୍ଚିଛି। ସରକାରଙ୍କ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଏପ୍ରିଲ ୨୦୨୪ରେ ଜିଏସ୍‌ଟି ସଂଗ୍ରହ ୨.୧୦ ଲକ୍ଷ କୋଟି ଟଙ୍କା ଥିଲା। ୧ ଜୁଲାଇ ୨୦୧୭ରୁ ଦେଶରେ ଜିଏସଟି ଲାଗୁ ହେବା ପରେ ଏହା ଦ୍ୱିତୀୟ ସର୍ବାଧିକ ସଂଗ୍ରହ ଥିଲା। ମାର୍ଚ୍ଚ ୨୦୨୫ ରେ ଜିଏସଟି ସଂଗ୍ରହ ୧.୯୬ ଲକ୍ଷ କୋଟି ଟଙ୍କା ଥିଲା। ସେହି ସମୟରେ, ମାର୍ଚ୍ଚ ମାସରେ ମୋଟ ଜିଏସ୍‌ଟି ସଂଗ୍ରହ ୯.୯ ପ୍ରତିଶତ ବୃଦ୍ଧି ପାଇ ୧.୯୬ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ଘରୋଇ କାରବାରରୁ ଜିଏସଟି ରାଜସ୍ୱ ମାର୍ଚ୍ଚ ମାସରେ ୮.୮ ପ୍ରତିଶତ ବୃଦ୍ଧି ପାଇ ୧.୪୯ ଲକ୍ଷ କୋଟି ଟଙ୍କା ହୋଇଛି। ଯେତେବେଳେ ଆମଦାନୀ ସାମଗ୍ରୀରୁ ରାଜସ୍ୱ ୧୩.୫୬ ପ୍ରତିଶତ ବୃଦ୍ଧି ପାଇ ୪୬୯୧୯ କୋଟି ଟଙ୍କା ହୋଇଛି।

# ବ୍ଲୁ ୱାଟର ଲଜିଷ୍ଟିକ୍ସ ୨୦୨୫ ଜୁନ୍ ୦୩ରେ ତାଲିକାଭୁକ୍ତ ହେବ

**ହାଇଦ୍ରାବାଦ,(ହି.ସ) :** ଏକ ବହୁଧା ପରିବହନ ଅପରେଟର ବ୍ଲୁ ୱାଟର ଲଜିଷ୍ଟିକ୍ସ ୨୦୨୫ ଜୁନ ୦୩ ତାରିଖରେ ଏନଏସଇ ଏମର୍ଜ ପ୍ଲାଟଫର୍ମରେ ତାଲିକାଭୁକ୍ତ ହେବାକୁ ଯାଉଛି। କମ୍ପାନୀର ଆଇପିଓ ବିଡିଂର ଚୂଡ଼ାନ୍ତ ଦିବସ ପର୍ଯ୍ୟନ୍ତ ୯.୩୬ ଗୁଣ ସବସ୍କ୍ରାଇବ କରାଯାଇଛି, ଯାହା ୨୫୩.୯୧ କୋଟି ଟଙ୍କାର ବିଡ୍ ହାସଲ କରିଛି। କମ୍ପାନୀ ଇନିସିଆଲ ପବ୍ଲିକ ଅଫରିଂରୁ ୪୦.୫ କୋଟି ଟଙ୍କା ଉଠାଇବାକୁ ଲକ୍ଷ୍ୟ ରଖିଥିଲା। ଏହାର ଆଇପିଓରେ ବୁକ-ବିଲଡିଂ ରୁଟ୍‌ରେ ପ୍ରତ୍ୟେକ ୧୦ ଟଙ୍କାର ଫେସ୍ ଭାଲ୍ୟୁ ବିଶିଷ୍ଟ ୩୦ ଲକ୍ଷ ଇକ୍ୱିଟି ସେୟାର ଜାରି ଅନ୍ତର୍ଭୁକ୍ତ। ଆବେଦନ ନିମନ୍ତେ ସର୍ବନିମ୍ନ ଲଟ୍ ପରିମାଣ ୧୦୦୦ ଇକ୍ୱିଟି ସେୟାର ରଖାଯାଇଛି। ହାଇଦରାବାଦରେ ମୁଖ୍ୟ ଦପ୍ତର ଥିବା କମ୍ପାନୀର ପ୍ରମୋଟର ଲକ୍ଷ୍ମୀ ନାରାୟଣ ମିଶ୍ର, ଲଳିତ ପଣ୍ଡା, ମଧୁସ୍ମିତା ମହାନ୍ତି ଏବଂ ସୁପ୍ରିୟା ମିଶ୍ର ମୂଳତଃ ଓଡ଼ିଶାର ବାସିନ୍ଦା ଅଟନ୍ତି। ଇସ୍ୟୁର କ୍ୱାଲିଫାଏଡ ଇନଷ୍ଟିଚ୍ୟୁସନାଲ ବାୟର (କ୍ୟୁଆଇବି) ଅଂଶ ୧୪.୦୪ ଗୁଣ ସବସ୍କ୍ରାଇବ କରାଯାଇଥିବା ବେଳେ ଏନଆଇଆଇ କୋଟା ୯.୮୭ ଗୁଣ ଏବଂ ରିଟେଲ ଇଣ୍ଡିଭିଜୁଆଲ ଇନଭେଷ୍ଟର୍ସ (ଆରଆଇଆଇ) କୋଟା ୬.୫୫ ଗୁଣ ସବସ୍କ୍ରାଇବ କରାଯାଇଥିଲା। ଯଦ୍ଦ୍ୱାରା ମୋଟ ଉପରେ ବିଡିଂର ଶେଷଦିନ ୨୦୨୫ ମେ ୨୯ ଗୁରୁବାର ପର୍ଯ୍ୟନ୍ତ ମୋଟ ୯.୩୬ ଗୁଣ ସବସ୍କ୍ରାଇବ କରାଯାଇଥିଲା। ସ୍ମାର୍ଟ ହୋରାଇଜନ କ୍ୟାପିଟାଲ ଆଡଭାଇଜର୍ସ ପ୍ରାଇଭେଟ ଲିମିଟେଡ ବୁକ୍ ରନିଂ ଲିଡ ମ୍ୟାନେଜର ଏବଂ ମାଶିତଲା ସିକ୍ୟୁରିଟିଜ ପ୍ରାଇଭେଟ ଲିମିଟେଡ ଅଫର୍‌ର ରେଜିଷ୍ଟ୍ରାର ରହିଛନ୍ତି। କମ୍ପାନୀର ସେୟାର ଏନଏସଇ ଏମର୍ଜରେ ତାଲିକାଭୁକ୍ତ ହେବ। କମ୍ପାନୀ ଆଇପିଓରୁ ସଂଗୃହୀତ ମୋଟ ଅର୍ଥରୁ ୧୦.୫୧ କୋଟି ଟଙ୍କା ଯାନବାହନ କ୍ରୟ ଏବଂ ସେଗୁଡ଼ିକର ବଡି ନିର୍ମାଣ ନିମନ୍ତେ ମୂଳଧନ ବ୍ୟୟ ଆକାରରେ ୧୦.୫୧ କୋଟି ଟଙ୍କା ଏବଂ କମ୍ପାନୀର କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତାକୁ ପାଣ୍ଠି ଯୋଗାଇବା ନିମନ୍ତେ ୨୦ କୋଟି ଟଙ୍କା ବିନିଯୋଗ କରିବାକୁ ଚାହୁଁଛି। ଅବଶିଷ୍ଟ ପୁଞ୍ଜିକୁ ସାଧାରଣ କମ୍ପାନୀ ପରିଚାଳନା ଉଦ୍ଦେଶ୍ୟରେ ବ୍ୟବହାର କରାଯିବ।

# ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ଦର ୨୪ଟଙ୍କା କମିଲା



**ନୂଆଦିଲ୍ଲୀ,(ହି.ସ):** ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଶନିବାର ୧୯ କିଲୋ ବିଶିଷ୍ଟ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଦର ୨୪ ଟଙ୍କା କମାଇଛନ୍ତି। ଜୁନ୍ ୧ରୁ ନୂଆ ଦର ଲାଗୁ ହୋଇଛି। ଦର ହ୍ରାସ ପରେ ବର୍ତ୍ତମାନ ଦିଲ୍ଲୀରେ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ଖୁଚୁରା ଦାମ ୧,୭୨୩.୫୦ ଟଙ୍କାକୁ ଖସିଆସିଛି। ଏହା ପୂର୍ବରୁ ମେ ୧ରେ ୧୯ କିଲୋ ବିଶିଷ୍ଟ ବାଣିଜ୍ୟିକ ଏଲପିଜି ସିଲିଣ୍ଡର ଦର ୧୪.୫୦ ଟଙ୍କା କମିଥିଲା। ସେହିଭଳି ଏପ୍ରିଲ ୧ରେ ଏହାର ଦର ୪୧ ଟଙ୍କା ହ୍ରାସ ହୋଇଥିଲା। ଅନ୍ତର୍ଜାତୀୟ ଅଶୋଧିତ ତୈଳ ବଜାରରେ ହେଉଥିବା ପରିବର୍ତ୍ତନକୁ ଦେଖି ଘରୋଇ ତୈଳ କମ୍ପାନିମାନେ ଏଲପିଜି ଦର ସଂଶୋଧନ କରିଥାନ୍ତି। ତେବେ ଘରୋଇ ଭାବେ ବ୍ୟବହୃତ ହେଉଥିବା ଏଲପିଜି ସିଲିଣ୍ଡର ଦର ଏଥର ଅପରିବର୍ତ୍ତିତ ରହିଛି।

ଡୁମାଣୀ ଖବର

# ରାଷ୍ଟ୍ରୀୟ/ଅନ୍ତଃରାଷ୍ଟ୍ରୀୟ

## ଭୟଙ୍କର ଟ୍ରେନ ଦୁର୍ଘଟଣାରେ ୭ ମୃତ, ୩୦ ଆହତ



**ନୂଆଦିଲ୍ଲୀ,(ହି.ସ.):** ୟୁକ୍ରେନ୍ ସୀମା ନିକଟବର୍ତ୍ତୀ ଋଷରେ ଭୟଙ୍କର ଟ୍ରେନ ଦୁର୍ଘଟଣା ହୋଇଛି। ପୋଲ ଭାଙ୍ଗି ଏକ ଯାତ୍ରୀବାହୀ ଟ୍ରେନ ଟ୍ରାକରୁ ଖସି ପଡ଼ିଛି। ଏଥିରେ ୭ଜଣଙ୍କର ମୃତ୍ୟୁ ହୋଇଛି। ୩୦ ଜଣ ଆହତ ହୋଇଛନ୍ତି। ଟ୍ରେନଟି ମସ୍କୋରୁ କ୍ଲିମୋଭ ଯାଉଥିବା ସମୟରେ ଦୁର୍ଘଟଣା ହୋଇଛି। ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଛି। ଦୁର୍ଘଟଣାର ଫଟୋ ସୋସିଆଲ ମିଡିଆରେ ସାମ୍ନାକୁ ଆସିଛି। ଟ୍ରେନର ଏକାଧିକ ବଗି କ୍ଷତିଗ୍ରସ୍ତ ହୋଇଛି। ମିଳିଥିବା ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ପଶ୍ଚିମ ଋଷର ବ୍ରାୟନ୍ସକ ଅଞ୍ଚଳରେ ଦୁର୍ଘଟଣା ହୋଇଛି। ପୋଲ ଭାଙ୍ଗିବାରୁ ଟ୍ରାକରୁ ଟ୍ରେନ୍ ଖସି ପଡିଥିଲା। ଏଥିରେ ୭ଜଣଙ୍କର ମୃତ୍ୟୁ ହୋଇଛି। ସେମାନଙ୍କର ମଧ୍ୟରେ ଟ୍ରେନ ଡ୍ରାଇଭର ମଧ୍ୟ ରହିଛନ୍ତି। ମୃତକଙ୍କ ମଧ୍ୟରେ ଦୁଇ ଶିଶୁ ଥିବା ଜଣାପଡିଛି। ମୃତ୍ୟୁସଂଖ୍ୟା ବଢିବା ଆଶଙ୍କା କରାଯାଉଛି। ଖବର ପାଇଁ ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚିଥିଲେ। ରେସ୍କ୍ୟୁ ଅପରେସନ୍ ଆରମ୍ଭ କରିଥିଲେ। ୟୁକ୍ରେନ୍ ସୀମାକୁ ଲାଗିଥିବା ଅଞ୍ଚଳରେ ଦୁର୍ଘଟଣା ହୋଇଛି। ଅବୈଧ ହସ୍ତକ୍ଷେପକୁ ଦାୟୀ କରିଛନ୍ତି କର୍ତ୍ତୃପକ୍ଷ ହେଲେ ଦୁର୍ଘଟଣାର କାରଣ ଜଣାପଡିନାହିଁ। କେଉଁ କାରଣକୁ ଦୁର୍ଘଟଣା ହେଲା। ଯାନ୍ତ୍ରିକ ତ୍ରୁଟି ନା ଅନ୍ୟ କିଛି ତାର ତଦନ୍ତ ଚାଲିଛି। ଦୁର୍ଘଟଣାର କାରଣ ପରିବହନ ସଞ୍ଚାଳକଙ୍କ ଅବୈଧ ହସ୍ତକ୍ଷେପ ବୋଲି କୁହାଯାଉଛି। ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ସିଏସ୍‌ଇର ଜାତୀୟ ସମ୍ମିଳନୀ : ସ୍ୱଚ୍ଛ ବାୟୁ ଜୀବମଣ୍ଡଳର ଆତ୍ମା, ପ୍ରଦୂଷଣ ଏହାକୁ ପ୍ରତି ମୁହୂର୍ତ୍ତରେ କ୍ଷତବିକ୍ଷତ

**ନୂଆଦିଲ୍ଲୀ,(ହି.ସ.):** ସାମ୍ପ୍ରତିକ ପରିସ୍ଥିତିରେ ବାୟୁ ପ୍ରଦୂଷଣ ଏକ ସାଂଘାତିକ ସମସ୍ୟା ଭାବରେ ଉଭା ହୋଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) ୫ ବର୍ଷ ପୂରଣ କରିଛି। ଏହି ଅବସରରେ ସେଣ୍ଟର ଫର ସାଇନ୍ସ ଏଣ୍ଡ ଏନ୍‌ଭାରମେଣ୍ଟ (ସିଏସ୍‌ଇ) ପକ୍ଷରୁ ଦେଶର ପ୍ରମୁଖ ସହରଗୁଡ଼ିକର ବାୟୁ ପ୍ରଦୂଷଣକୁ ନେଇ ଏକ ସମୀକ୍ଷା ରିପୋର୍ଟ ପ୍ରକାଶ କରାଯାଇଛି। ମଇ ୨୯ ତାରିଖରେ ଏକ ଜାତୀୟ ସମ୍ମିଳନୀରେ ଏହି ରିପୋର୍ଟକୁ ସିଏସ୍‌ଇର ମହାନିର୍ଦ୍ଦେଶକ ସୁନୀତା ନାରାୟଣ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନୁମିତା ରାୟ ଚୌଧୁରୀ ଉନ୍ମୋଚନ କରିଛନ୍ତି। ସାରା ଦେଶର ବିଭିନ୍ନ ସହରରେ ଅସ୍ୱଚ୍ଛ ହୋଇ ପଡୁଥିବା ବାୟୁ ଉପରେ ସିଏସ୍‌ଇ ପକ୍ଷରୁ କରାଯାଇଥିବା ଅଧ୍ୟୟନକୁ ବିସ୍ତୃତ ଭାବରେ ରିପୋର୍ଟରେ ପ୍ରକାଶ କରାଯାଇଛି। ଦିଲ୍ଲୀ, କୋଲକାତା, ନୋଏଡା, ସୁରଟ, କୋଚି, ଇଣ୍ଡୋର, ଶ୍ରୀନଗର, ବେଙ୍ଗାଲୁରୁ ଓ ଭୁବନେଶ୍ୱର ଆଦି ସହରକୁ ଏଥିରେ ସାମିଲ କରାଯାଇଛି। ତତ୍କାଳୀନ ସରକାରଙ୍କ ଦ୍ୱାରା ଭୁବନେଶ୍ୱରରେ ପ୍ରଚଳନ କରାଯାଇଥିବା ସହରାଞ୍ଚଳ ପରିବହନ ବ୍ୟବସ୍ଥା କିପରି ବାୟୁ ପ୍ରଦୂଷଣ ରୋକିବାରେ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣି ପାରିଛି ତାହା ଉପରେ ସମୀକ୍ଷା ରିପୋର୍ଟରେ ଆଲୋକପାତ କରାଯାଇଛି। ପ୍ରାରମ୍ଭିକ ଅଧିବେଶନରେ ସିଏସ୍‌ଇର ମହାନିର୍ଦ୍ଦେଶକ ସୁନିତା ନାରାୟଣ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ ସ୍ୱଚ୍ଛ ବାୟୁ ମଣିଷର ଆତ୍ମା। ମାତ୍ର ପ୍ରଦୂଷଣ ଆମର ଆତ୍ମାକୁ ପ୍ରତି ମୁହୂର୍ତ୍ତରେ କ୍ଷତବିକ୍ଷତ କରୁଛି। ଏଥିପାଇଁ ପ୍ରତିସ୍ତରରେ ଓ ପ୍ରତି କ୍ଷେତ୍ରରେ ସତର୍କ ରହିବାର ଆବଶ୍ୟତା ରହିଛି। ପରିବର୍ତ୍ତନମୂଳକ ପଦକ୍ଷେପ ବିନା ଏହା ସମ୍ଭବ ନୁହେଁ। ସମ୍ପ୍ରତି ସ୍ୱଚ୍ଛ ବାୟୁ ନିମନ୍ତେ ଯେତିକି ପଦକ୍ଷେପ ଗ୍ରହଣ କରାଯାଇଛି, ତାହା ପର୍ଯ୍ୟାପ୍ତ ନୁହେଁ। ଏହା ଉପରେ ଅଧିକ ଚିନ୍ତନ ଓ ଅଧିକ କଠୋର ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଏହା ଏକମାତ୍ର ବିକଳ୍ପ ଓ ଏଥିରେ କୌଣସି ସାଲିସ ସମଗ୍ର ମାନବ ସମାଜର ଭବିଷ୍ୟତ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଏନସିଏପି ସ୍ୱଚ୍ଛ ବାୟୁ ଓ ଗୁଣବତ୍ତା ପରିଚାଳନାର ଢାଞ୍ଚା ପ୍ରତିଷ୍ଠାରେ ଯଦିଓ ସହାୟକ ହୋଇଛି, ତାହା ପର୍ଯ୍ୟାପ୍ତ ନୁହେଁ। ସହରଗୁଡ଼ିକରେ ବାୟୁ ପ୍ରଦୂଷଣ ନିମନ୍ତେ ଯେଉଁ ପ୍ରମୁଖ କ୍ଷେତ୍ରଗୁଡ଼ିକ ରହିଛି ସେଥିରେ ଯାନବାହନ ଚଳାଚଳ, ନିର୍ମାଣ ବର୍ଜ୍ୟର ଉପଯୁକ୍ତ ପରିଚାଳନାର ଅଭାବ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତେଣୁ ଏହାକୁ ନେଇ ଦେଶର ବିଭିନ୍ନ ସହରଗୁଡ଼ିକରେ ଯେଉଁ କେସ ଷ୍ଟଡ଼ି ଗ୍ରହଣ କରାଯାଇଛି ତାହାର ସମୀକ୍ଷା ଓ ସମାଧାନ ଏକାନ୍ତ ଅପରିହାର୍ଯ୍ୟ। ସିଏସ୍‌ଇ ଭଲ ପଦକ୍ଷେପ ଓ ଖରାପ କାର୍ଯ୍ୟଗୁଡ଼ିକୁ ଅତ୍ୟନ୍ତ ନିରପେକ୍ଷ ଭାବରେ ବିଶ୍ଳେଷଣ କରି ଏହି ରିପୋର୍ଟ ପ୍ରକାଶ କରିଛି। କୋଚି ସହରରେ ମେଟ୍ରୋ ରେଳ ପ୍ରଚଳନ ଓ ନବୀକୃତ ସୌର ଶକ୍ତିରେ ଏହାର ପରିବହନ ବ୍ୟବସ୍ଥା ପ୍ରଚଳନ ସହରର ବାୟୁ ପ୍ରଦୂଷଣକୁ ରୋକିବାରେ ସକ୍ଷମ ହୋଇଛି। ଶ୍ରୀନଗର ଏହାର ପରିବହନ ଏବଂ ଗତିଶୀଳତା ବ୍ୟବସ୍ଥାକୁ ଅପଗ୍ରେଡ୍ ଏବଂ ଉନ୍ନତ କରିବା ପାଇଁ ଏହାର ସ୍ମାର୍ଟ ସିଟି କାର୍ଯ୍ୟକ୍ରମ ପାଣ୍ଠି ବ୍ୟବହାର କରିଛି। ସହର ସାରା ପଦଯାତ୍ରା ଭିତ୍ତିଭୂମିକୁ ବିକଶିତ କରି ନୂତନ ଉଦାହରଣ ସୃଷ୍ଟି କରିଛି। ଉଦୀୟମାନ ସହର ମଧ୍ୟରେ ଭୁବନେଶ୍ୱର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ସହରର ଏକ ନୂତନ ବସ୍ ପ୍ରଚଳନ ବ୍ୟବସ୍ଥା ସହରୀ ଜୀବନ ଓ ପ୍ରଦୂଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣି ପାରିଛି। ଅନୁରୂପ ଭାବରେ ଚେନ୍ନାଇରେ ପଦଚାରୀଙ୍କ ପାଇଁ ଶୃଙ୍ଖଳିତ ବ୍ୟବସ୍ଥା ଓ ସାଇକେଲିଂ ଭିତ୍ତିଭୂମିକୁ ବିକଶିତ କରାଯାଇ ପ୍ରଦୂଷଣକୁ ହ୍ରାସ କରାଯାଇ ପାରିଛି। କୋଲକାତାରେ ନିର୍ମାଣ ବର୍ଜ୍ୟର ଉପଯୁକ୍ତ ପରିଚାଳନା ସହରରେ ବର୍ଦ୍ଧିତ ବାୟୁର ଅସ୍ୱଚ୍ଛତାକୁ ରୋକିବାକୁ ସମର୍ଥ ହୋଇଛି। ଅନ୍ୟପକ୍ଷରେ ଶିଳ୍ପ ବାୟୁ ପ୍ରଦୂଷଣ ରୋକାଯିବା ପ୍ରମୁଖ ସହର ପାଇଁ ଆହ୍ୱାନପୂର୍ଣ୍ଣ ହୋଇଛି। ଅଧିକାଂଶ ଶିଳ୍ପ ସହର କ୍ଷେତ୍ର ବାହାରେ ହୋଇଥିଲେ ହେଁ ଏହାର ବାୟୁ ସହର ପାଇଁ ବିପଦ ପାଲଟିଛି। ପୁନଶ୍ଚ ସହରାଞ୍ଚଳରେ କଠିନ ବର୍ଜ୍ୟ ଅର୍ଥାତ୍ ନିର୍ମାଣ ବର୍ଜ୍ୟ ସ୍ୱଚ୍ଛ ବାୟୁ ପାଇଁ ବିପଦ ସୃଷ୍ଟି କରିଛି। ଏହି ସ୍ଥିତିରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ହାଇଦ୍ରାବାଦ ବିକେନ୍ଦ୍ରୀକରଣ ପରିଚାଳନାର ଏକ ଅନନ୍ୟ ମଡେଲ ଗ୍ରହଣ କରିଛି, ଯେଉଁଠାରେ ସାର୍ବଜନୀନ-ଘରୋଇ ସହଭାଗୀତା ମଡେଲ ଅଧୀନରେ ଚାରୋଟି ପ୍ଲାଣ୍ଟ ସହରାଞ୍ଚଳରେ ସ୍ଥାପନ କରାଯାଇଛି। ଏହି ରିସାଇକ୍ଲିଂ ପ୍ଲାଣ୍ଟଗୁଡ଼ିକ ସହରର ନିର୍ମାଣ ବର୍ଜ୍ୟକୁ ପୁନଃବ୍ୟବହାରକ୍ଷମ ସାମଗ୍ରୀରେ ପରିବର୍ତ୍ତନ କରି ସହରକୁ ସ୍ୱଚ୍ଛ ବାୟୁ ପ୍ରଦାନରେ ସହାୟକ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ୱଚ୍ଛ ବାୟୁ ନିମନ୍ତେ ସ୍ମାର୍ଟ ସିଟି ମିଶନ, ବୈଦ୍ୟୁତିକ ଯାନବାହନ ପାଇଁ ଜାତୀୟ ଚାହିଦା ପ୍ରୋତ୍ସାହନ କାର୍ଯ୍ୟକ୍ରମ, ଅନ୍ୟାନ୍ୟ ସମାନ୍ତରାଳ କ୍ଷେତ୍ରୀୟ କାର୍ଯ୍ୟକ୍ରମ ଅଧୀନରେ ଅଧିକ ପ୍ରୟୋଗାତ୍ମକ ପଦକ୍ଷେପ ଗ୍ରହଣ ଜରୁରୀ ହୋଇ ପଡ଼ିଛି ବୋଲି ସମୀକ୍ଷା ରିପୋର୍ଟରେ ପ୍ରକାଶ କରାଯାଇଛି। ଏହି ଅବସରରେ ଦିବସବ୍ୟାପୀ ବିଭିନ୍ନ ପ୍ୟାନେଲ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ର ସରକାରଙ୍କ ବାୟୁ ଗୁଣବତ୍ତା ପରିଚାଳନା ବିଭାଗର ସଦସ୍ୟ ସଚିବ ଅରବିନ୍ଦ ନୌଟିଆଲ, ସ୍ୱଚ୍ଛଭାରତ ମିଶନର ଜାତୀୟ ନିର୍ଦ୍ଦେଶକ ବିନୟ କୁମାର ଝା, ବିଶ୍ୱବ୍ୟାଙ୍କ ପରିବେଶ ବିଶେଷଜ୍ଞ ସାୟନ୍ତନ ସରକାର, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ବୈଜ୍ଞାନିକ ଅନାମିକା ସାଗର ଓ ବିନୟ ପ୍ରଭାକର, ଇଣ୍ଡିଆନ ଫେଡ଼େରେସନ୍ ଅଫ୍ ଗ୍ରୀନ୍ ଏନର୍ଜିର ମହାନିର୍ଦ୍ଦେଶକ ସଞ୍ଜୟ ଗଞ୍ଜୋ, ଆସୋଚାମ୍‌ର ବରିଷ୍ଠ ପରାମର୍ଶଦାତା ପିନାକୀ ଦାସଗୁପ୍ତାଙ୍କ ସହ କୋଚି ମେଟ୍ରୋ, ଶ୍ରୀନଗର ସ୍ମାର୍ଟ ସିଟି, ବୈଦ୍ୟୁତିକ ପରିବହନ ସଂସ୍ଥା, ଚେନ୍ନାଇ ସ୍ମାର୍ଟ ସିଟି, ଦିଲ୍ଲୀ ମହାନଗର ନିଗମ, ହାଇଦ୍ରାବାଦ ଏସ୍‌ଏସ୍‌ଆର୍‌ସି, ଚଣ୍ଡୀଗଡ଼ ମହାନଗର ନିଗମ, ଜୟପୁରର ଏମ୍‌ଏନ୍‌ଆଇଟିର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

# ନାଲକୋ ଦ୍ୱାରା ସ୍ମାର୍ଟ ମାଇନିଂ ସମ୍ମିଳନୀ ଆୟୋଜିତ

## ଆଲୁମିନିୟମ କ୍ଷେତ୍ରରେ ଡିଜିଟାଲ ନବସୃଜନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ଭୁବନେଶ୍ୱର ଠାରେ 'ଇଣ୍ଡଷ୍ଟ୍ରି ୪.୦: ସ୍ମାର୍ଟ ମାଇନିଙ୍ଗ ଆଣ୍ଡ ମାନୁଫ୍ୟାକ୍‌ଚରିଙ୍ଗ' ନାମକ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବିଶେଷ କରି, ଇଣ୍ଡଷ୍ଟ୍ରି ୪.୦ର ଜ୍ଞାନ କୌଶଳ ବ୍ୟବହାର କରି ସ୍ମାର୍ଟ ଆଲୁମିନିୟମ ଉତ୍ପାଦନର ସଦ୍ୟତମ ଧାରା ଉପରେ ବିସ୍ତୃତ ଆଲୋଚନା ତଥା ପର୍ଯ୍ୟାଲୋଚନା କରିବା ଲାଗି ଏଭଳି ଏକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ସ୍ୱୟଂଚଳିତ ଉତ୍ପାଦନ, ଏଆଇ, ଆଇଓଟି, ବିଗ୍ ଡାଟା, ଏବଂ ଡାଟା ଆନାଲିଟିକ୍ସ ମାଧ୍ୟମରେ ଦେଶରେ ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ଶିଳ୍ପ ପ୍ରତିନିଧି, ଟେକ୍ନୋକ୍ରାଟ୍, ଶିକ୍ଷାବିତ ଏବଂ ଷ୍ଟାର୍ଟ-ଅପ କମ୍ପାନୀ ମାନେ ଏହି ସମ୍ମିଳନୀରେ ଏକତ୍ରିତ ହୋଇଥିଲେ। ଏହି ସମ୍ମିଳନୀକୁ ଉଦ୍‌ଘାଟନ କରି, ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଦକ୍ଷତା ଏବଂ ପ୍ରତିଯୋଗିତାମୂଳକତା ଅଭିବୃଦ୍ଧି ପାଇଁ ଇଣ୍ଡଷ୍ଟ୍ରି ୪.୦ ପ୍ରଯୁକ୍ତିବିଦ୍ୟା ଉପଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀ ସିଂହ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବାରେ ଷ୍ଟାର୍ଟ-ଅପ୍ସ ଏବଂ 'ମେକ୍ ଇନ୍ ଇଣ୍ଡିଆ' ପ୍ରୟାସ ଭଳି ସରକାରଙ୍କ ନୀତି ଶିଳ୍ପ ଗୁଡ଼ିକୁ କିପରି ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବାରେ ସଫଳ ହୋଇଛି ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ଭାବରେ ଭାରତ ଦୃଢ଼ ନିବେଶ ଏବଂ ଭିତ୍ତିଭୂମି ଅଭିବୃଦ୍ଧି ହାସଲ କରିବାକୁ ଯାଉଅଛି, ଯାହା କୋର ଏବଂ ଉତ୍ପାଦନ ସମ୍ବନ୍ଧୀୟ ଶିଳ୍ପର ଦ୍ରୁତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ, ଜଗଦୀଶ ଆରୋରା, ନିର୍ଦ୍ଦେଶକ (ପିଆଣ୍ଡଟି) ସ୍ୱାଗତ ଭାଷଣ ପ୍ରଦାନ କରି ଇଣ୍ଡଷ୍ଟ୍ରି ୪.୦ କିପରି ସ୍ୱୟଂଚଳିତତା, ଏଆଇ ଏବଂ ଆଇଓଟି ଦ୍ୱାରା ପରିଚାଳିତ ହେଉଅଛି ବର୍ଣ୍ଣନା କରିଥିଲେ ଯାହା ଉତ୍ପାଦନ ଏବଂ ଶିଳ୍ପ କାର୍ଯ୍ୟରେ ପରିବର୍ତ୍ତନକାରୀ ମୂଲ୍ୟ ସୃଷ୍ଟିକୁ ପ୍ରୋତ୍ସାହିତ କରିଥାଏ। ବେଦାନ୍ତ ଆଲୁମିନିୟମ ଲିମିଟେଡର ସିଇଓ ରାଜୀବ କୁମାର ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଟାଟା ଷ୍ଟିଲର ବ୍ୟବସାୟ ପରିବର୍ତ୍ତନ ଏବଂ ଡିଜିଟାଲ୍ ସମାଧାନ ମୁଖ୍ୟ ସରଜିତ ଝା ଅଧିବେଶନରେ ଭର୍ଚୁଆଲ୍ ମୋଡରେ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ଏବଂ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ, ନାଲକୋର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା ଏବଂ ନିର୍ଦ୍ଦେଶକ (ମାନବସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକ, ମଧ୍ୟ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ। ଇଣ୍ଡଷ୍ଟ୍ରି ୪.୦ ପରିଦୃଶ୍ୟରେ ଉଦୀୟମାନ ଧାରା ଏବଂ ରଣନୀତି ଉପରେ ଆଲୋଚନା ନିମନ୍ତେ ସେଲ୍, ଟାଟା ଷ୍ଟିଲ୍, ବେଦାନ୍ତ, ଡେଲଏଟ୍ ଇଣ୍ଡିଆ, ଇଓ୍ୱାଇ-ପାର୍ଥେନନ୍, ଏବଂ ମ୍ୟାକକିନ୍ସେ ଆଣ୍ଡ୍ କମ୍ପାନୀର ପ୍ରତିନିଧିମାନେ ସମ୍ମିଳନୀରେ ବିଶିଷ୍ଟ ବକ୍ତା ଭାବରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମିଳନୀ ପାରସ୍ପରିକ ଜ୍ଞାନ ଆଦାନପ୍ରଦାନ, ଉଦୀୟମାନ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ଏବଂ ଇଣ୍ଡଷ୍ଟ୍ରି ୪.୦ କୁ ତ୍ୱରାନ୍ୱିତ କରିବା ପାଇଁ ରଣନୀତିକ ଆଲୋଚନା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଥିଲା, ଯେଉଁଥିରେ ଏଆଇ ଏବଂ ଡାଟା ଆନାଲିଟିକ୍ସ ଉପରେ ଟେକ୍ନୋକ୍ରାଟ୍ ଅଧିବେଶନ ଏବଂ ପ୍ୟାନେଲ୍ ଆଲୋଚନା ଅନ୍ତର୍ଭୁକ୍ତ ଥିଲା। ଟେକ୍ନୋକ୍ରାଟ୍, ଗବେଷକ, ନୀତି ନିର୍ଦ୍ଧାରକ ଏବଂ ଧାତୁ କ୍ଷେତ୍ର ଏବଂ ସହଯୋଗୀ ଶିଳ୍ପର ପ୍ରତିନିଧିମାନେ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ ଏବଂ ପ୍ରଯୁକ୍ତିବିଦ୍ୟା ଜ୍ଞାନ ଆଦାନପ୍ରଦାନ କରିଥିଲେ।




# ଦୁର୍ଗମ ଓ ବନାଞ୍ଚଳ ପାଇଁ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ କଲେ ମନ୍ତ୍ରୀ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଗ୍ରାମୀଣ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକରେ ଅବସ୍ଥିତ ଦୁଇଟି ଗ୍ରାମ ପଞ୍ଚାୟତ ଯଥା ନୀଳାଦ୍ରିପ୍ରସାଦ ଓ ଡାମିଆବରବରା ବାସିନ୍ଦାଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଫୋର୍ସ ଟ୍ରାକ୍ସ ମଡେଲର ଏକ ଉତ୍ସର୍ଗୀକୃତ ଆମ୍ବୁଲାନ୍ସକୁ ଉଦଘାଟନ କରିଛନ୍ତି । ଯେତେବେଳେ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅବହେଳିତ ଆଦିବାସୀ ଓ ଗ୍ରାମୀଣ ଜନସାଧାରଣ ନିରନ୍ତର ସ୍ୱାସ୍ଥ୍ୟସେବା ପାଇବାରେ ସମସ୍ୟା ଭୋଗ କରି ଆସୁଛନ୍ତି ସେହିସମୟରେ ଏହି ଆମ୍ବୁଲାନ୍ସ ସେବା ଠିକ୍ ସମୟରେ ଚିକିତ୍ସା ସହାୟତା ଯୋଗାଇଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଏହି ଆମ୍ବୁଲାନ୍ସକୁ ଏଲଆଇସି କାର୍ଡ ଦ୍ୱାରା ସେମାନଙ୍କ ସିଏସଆର ପାଣ୍ଠି ଅଧୀନରେ ଏଚଡିଆଇ ନାମକ ଏକ ଏନଜିଓକୁ ଦାନ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ମୁଖ୍ୟତଃ ଅନୁସୂଚିତ ଜନଜାତିକୁ ନେଇ ଗଠିତ ସେହି ଦୁଇଟି ପଞ୍ଚାୟତର ବାସିନ୍ଦାଙ୍କ ସର୍ବାଙ୍ଗୀନ ବିକାଶ । ଏହି ଆମ୍ବୁଲାନ୍ସରେ ମୌଳିକ ଜୀବନ ରକ୍ଷାକାରୀ ଚିକିତ୍ସା ଉପକରଣ ସହ ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ସେବା ଯୋଗାଇ ଦେବା ନିମନ୍ତେ ନୀଳାଦ୍ରିପ୍ରସାଦ ଜିପି ମୁଖ୍ୟାଳୟରେ ମୁତୟନ କରାଯିବ। ନୀଳାଦ୍ରି କୃଷି କଲ୍ୟାଣ ସମବାୟ ସମିତିର ସଦସ୍ୟ ଏବଂ ସ୍ଥାନୀୟ ପିଆରଆଇ ସଦସ୍ୟ ଏବଂ ସ୍ଥାନୀୟ ନେତାଙ୍କ ଜରିଆରେ ଏଚଡିଆଇର ତତ୍ତ୍ୱାବଧାନରେ ଏହା ପରିଚାଳିତ ହେବ। ଏହି ସେବା ନିକଟସ୍ଥ ସ୍ୱାସ୍ଥ୍ୟସେବା କେନ୍ଦ୍ରକୁ ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିବ ଏବଂ ଜରୁରୀକାଳୀନ ମାମଲା, ମାତୃ ଯତ୍ନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ହସ୍ତକ୍ଷେପ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏବଂ ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି)ର ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି ଆମ୍ବୁଲାନ୍ସକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଜନତା ପାର୍ଟି, ଓଡ଼ିଶାର ପୂର୍ବତନ ସଭାପତି ତଥା ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନର ସଭାପତି ସମୀର ମହାନ୍ତି, ଏଲଆଇସି କାର୍ଡର ନିର୍ଦ୍ଦେଶକ ସିଦ୍ଧାର୍ଥ ମହାନ୍ତି ଓ ରାଜୀବ ସଚଦେବ, ଏଚଡିଆଇର ନିର୍ଦ୍ଦେଶକ ବ୍ରଜ ଦାସଙ୍କ ସମେତ ଏନକେକେଏସ୍ଏସ୍ ର ସମ୍ପାଦକ ପ୍ରଭାତ ନାୟକ, ଏଲ୍ଆଇସି ଅଫ୍ ଇଣ୍ଡିଆର ଅଧିକାରୀ ପୀତବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୨ରେ ପହଞ୍ଚିଲା କରୋନା ଆକ୍ରାନ୍ତଙ୍କ ସଂଖ୍ୟା

ଭୁବନେଶ୍ୱର, (ହି.ସ): ଓଡ଼ିଶାରେ ଆଜି ପୁଣି ୩ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାଫଳରେ ରାଜ୍ୟରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨ରେ ପହଂଚିଛି। ଅନ୍ୟପକ୍ଷରେ ଜଣେ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଥିବା ନେଇ ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ଅଛି ଓ ଏନେଇ ଯାଂଚ କରାଯାଉଛି। ଏନେଇ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଅନ୍ତିମ ସୁଡଙ୍ଗ ଖନନ ଶେଷ




ଭୁବନେଶ୍ୱର, (ଡିକେ ନ୍ୟୁଜ୍): ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ନୂତନ ରେଳ ଲାଇନ ପ୍ରକଳ୍ପରେ ନୟାଗଡ ଜିଲ୍ଲାର ବୁଗୁଡ଼ା ଏବଂ ଦଶପଲ୍ଲା ମଧ୍ୟରେ ଅବସ୍ଥିତ ସୁଡଙ୍ଗ ନମ୍ବର ଟି୨ ର ଖନନ କାର୍ଯ୍ୟ ସଫଳତା ସହିତ ସମାପ୍ତ ହେବା କ୍ଷେତ୍ରରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ଏହି ରଣନୈତିକ ରେଳ କରିଡରରେ ସମସ୍ତ ସାତଟି ସୁଡଙ୍ଗରେ ଖନନ କାର୍ଯ୍ୟ ସମାପ୍ତ ହେବା ସହିତ ଶେଷ ସୁଡ଼ଙ୍ଗ ଟି୨ କାର୍ଯ୍ୟ ୩୦ ମଇରେ ସମାପ୍ତ ହୋଇଛି। ଆଧୁନିକ ରେଳ ପଥ ନିର୍ମାଣରେ ୧,୭୭୫ ମିଟର ଦୈର୍ଘ୍ୟ ଟି୨ ସୁଡ଼ଙ୍ଗ ୨-ଡିଗ୍ରୀ ବକ୍ର ସହ ନିର୍ମାଣ କରାଯାଇଅଛି । ଏହା ନୂତନ ପ୍ରଯୁକ୍ତିବିଦ୍ୟା ପଦ୍ଧତି - ନୂତନ ଅଷ୍ଟ୍ରିଆନ୍ ଟନେଲିଂ ପଦ୍ଧତିରେ ନିର୍ମିତ ହୋଇଛି। ସୁଡଙ୍ଗ ଟି୨ ନୟାଗଡ ଜିଲ୍ଲାର ଦ୍ୱିତୀୟ ଦୀର୍ଘତମ ସୁଡଙ୍ଗ ଏବଂ ପ୍ରକଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହା ଚ୍ୟାଲେଞ୍ଜିଂ ପୂର୍ବଘାଟ ଭୂଖଣ୍ଡକୁ ଦୂର କରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଟନେଲିଂ ପଦ୍ଧତି ବ୍ୟବହାର କରି ନିର୍ମାଣ କରାଯାଇଛି ଯାହା ଭାରତୀୟ ରେଳବାଇ ପାଇଁ ଭିତ୍ତିଭୂମି କାର୍ଯ୍ୟାନ୍ୱୟନରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି । ଟି ସୁଡ଼ଙ୍ଗ ସମାପ୍ତ ହେବା ସହିତ ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ୭୫ କିଲୋମିଟର ଦୈର୍ଘ୍ୟ ନିର୍ମାଣାଧୀନ ରେଳମାର୍ଗରେ ସମସ୍ତ ସାତଟି ସୁଡ଼ଙ୍ଗର ଖନନ କାର୍ଯ୍ୟରେ ସଫଳତା ହାସଲ କରାଯାଇଛି । ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ରେଳ ଲାଇନ ୩୦୧ କିଲୋମିଟର ଦୈର୍ଘ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ଅଂଶ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଛି ।ପୁରୁଣାକଟକ ରୁ ଆଡ଼େନିଗଡ଼ ପର୍ଯ୍ୟନ୍ତ ୭୫ କିଲୋମିଟର ବାକି ଥିବା ସ୍ଥାନ କାର୍ଯ୍ୟ ଜାରି ରହିଛି। ଏହି ଶେଷ ଅଂଶର ସମାପ୍ତି ପୂର୍ବ ଏବଂ ପଶ୍ଚିମ ଓଡ଼ିଶା ମଧ୍ୟରେ ସୁଗମ ରେଳ ସଂଯୋଗ ସ୍ଥାପନ କରିବ, ଯାହା ଯାତ୍ରୀ ଏବଂ ମାଲ ପରିବହନ ଉଭୟକୁ ବ୍ୟାପକ ଲାଭ ଦେବ। ଓଡ଼ିଶାର ଅର୍ଥନୀତି ଏବଂ ସମାଜ ଉପରେ ପରିବର୍ତ୍ତନକାରୀ ପ୍ରଭାବ। ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ, ରେଳ ଲାଇନ ଭୁବନେଶ୍ୱର ଏବଂ ବଲାଙ୍ଗୀର ମଧ୍ୟରେ ଯାତ୍ରା ସମୟ ହ୍ରାସ କରିବ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ବଜାରରେ ପ୍ରବେଶକୁ ଉନ୍ନତ କରିବ., ବାଣିଜ୍ୟ ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବ, ଓଡ଼ିଶା ଏବଂ ଓଡ଼ିଶା ବାହାରେ ମାଲ ପରିବହନକୁ ସମର୍ଥନ କରିବ , ଖୋର୍ଦ୍ଧା ରୋଡ୍ - ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ହେଉଛି ଭାରତୀୟ ରେଳବାଇର ଏକ ପ୍ରମୁଖ ଭିତ୍ତିଭୂମି ପଦକ୍ଷେପ ଯାହା ସମଗ୍ର ଓଡ଼ିଶାରେ ଆନ୍ତଃରାଜ୍ୟ ସଂଯୋଗୀକରଣକୁ ବୃଦ୍ଧି କରିବା ଲକ୍ଷ୍ୟରେ କରାଯାଇଛି। ଏହା ଆଞ୍ଚଳିକ ପରିବହନକୁ ପରିବର୍ତ୍ତନ କରିବା, ଭିତ୍ତିଭୂମି ମଧ୍ୟରେ ଥିବା ଫାଙ୍କକୁ ପୂରଣ କରିବା ଏବଂ ରାଜ୍ୟରେ ଇନ୍ଧନ ଅନ୍ତର୍ଭୁକ୍ତ ଆର୍ଥିକ ଅଭିବୃଦ୍ଧି ପାଇଁ ପ୍ରତିଶ୍ରୁତି ଦେଇଛି।

# ପୂର୍ବତଟ ରେଳପଥ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଷ୍ଟେସନ ପରିସର ଅଭିଯାନ ଆରମ୍ଭ

ଭୁବନେଶ୍ୱର, (ଡିକେ ନ୍ୟୁଜ୍): ବିଶ୍ୱ ପରିବେଶ ଦିବସ ୨୦୨୫କୁ ଦୃଷ୍ଟିରେ ରଖି, ପୂର୍ବ ତଟ ରେଳପଥ ୨୨ ମେ ରୁ ୫ ଜୁନ ପର୍ଯ୍ୟନ୍ତ ଏକ ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ କରିଛି, ଯାହା ଚଳିତ ବର୍ଷର ବିଷୟବସ୍ତୁ - 'ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା' ସମ୍ବନ୍ଧରେ ଆଧାରିତ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ରେଳ ଷ୍ଟେସନ, ଷ୍ଟେସନ ପରିସର ଏବଂ ଟ୍ରେନଗୁଡ଼ିକରେ ଏକ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପ୍ରୋତ୍ସାହିତ କରିବା, ଯାହା ପରିବେଶଗତ ସ୍ଥିରତା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ରେଖାଙ୍କିତ କରିବ । ଏହି ଅଭିଯାନ ଭାରତ ସରକାରଙ୍କ ମିଶନ ଲାଇଫ (ପରିବେଶ ପାଇଁ ଜୀବନଶୈଳୀ), ସ୍ଥାୟୀ ଜୀବନଶୈଳୀ ପ୍ରୋତ୍ସାହନ ଏବଂ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ଦୃଢ଼ ଭାବରେ ପ୍ରତିଧ୍ୱନିତ କରାଇବ । ପୂର୍ବତଟ ରେଳପଥର ପ୍ରୟାସ ଏହାର ସମସ୍ତ ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲଟିୟର ଏବଂ ସମ୍ବଲପୁର ରେଳ ମଣ୍ଡଳରେ ବିସ୍ତାରିତ, ସ୍ୱଚ୍ଛ ରେଳ ଇକୋସିଷ୍ଟମ ପାଇଁ ଏକ ଲୋକାଭିମୁଖୀ ଆନ୍ଦୋଳନରେ ଏହାର କର୍ମଚାରୀ, ଅଧିକାରୀ, ସେମାନଙ୍କ ପରିବାର ଏବଂ ଯାତ୍ରୀମାନଙ୍କୁ ସାମିଲ କରିଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସମସ୍ତ ରେଳ କର୍ମଚାରୀଙ୍କୁ ଏକ ହୃଦୟସ୍ପର୍ଶୀ ନିବେଦନ କରି ପରିବେଶ ସଚେତନ ଜୀବନଯାପନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଏବଂ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । 'ପରିବେଶ ସୁରକ୍ଷାରେ ପ୍ରତ୍ୟେକ ବ୍ୟକ୍ତିଙ୍କର ଭୂମିକା ରହିଛି । ଆସନ୍ତୁ ଆମେ ମିଳିତ ଭାବରେ ଏକ ସବୁଜ ରେଳପଥ ପାଇଁ କାର୍ଯ୍ୟ କରିବା' ବୋଲି ସେ କହିଛନ୍ତି । ଅଭିଯାନର ମୁଖ୍ୟ ଆକର୍ଷଣ ହେଉଛି ପ୍ଲାଷ୍ଟିକ୍ ଅପବ୍ୟବହାରକୁ ହ୍ରାସ କରିବା, ପୁନଃବ୍ୟବହାର କରିବା ଏବଂ ପୁନଃଚକ୍ରଣ କରିବା ପାଇଁ ସଚେତନତା ଅଭିଯାନ, ବିଶେଷକରି ଷ୍ଟେସନ, ଟ୍ରେନ ଓ କାର୍ଯ୍ୟାଳୟ ମାନଙ୍କରୁ ନିର୍ଗମନ ପ୍ଲାଷ୍ଟିକ୍ ର ପୁନଃ ବ୍ୟବହାର । ୫ ଜୁନରେ ଏକ ବଡ଼ ପରିମାଣର ସବୁଜ ଅଭିଯାନ ଆୟୋଜନ କରାଯିବ ଯେଉଁଠାରେ କର୍ମଚାରୀ, ଅଧିକାରୀ ଏବଂ ବିଭାଗୀୟ ମୁଖ୍ୟମାନେ ସବୁଜ ଆବରଣ ବୃଦ୍ଧି କରିବା ଏବଂ ଜୈବ ବିବିଧତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ରେଳ ପରିସରରେ ଚାରା ରୋପଣ କରିବେ ।ପ୍ଲାଷ୍ଟିକ୍ ଅପବ୍ୟବହାରର କ୍ଷତିକାରକ ପ୍ରଭାବ ଏବଂ ସବୁଜ ଅଭ୍ୟାସର ଲାଭ ଉପରେ ବ୍ୟାନର, ପ୍ଲାକାର୍ଡ, ପୋଷ୍ଟର ଏବଂ ସ୍ଲୋଗାନ ସବୁ ଷ୍ଟେସନରେ ପ୍ରଦର୍ଶିତ ହେଉଛି । କର୍ମଚାରୀମାନେ ଏହି ଅଭିଯାନକୁ ଚଲାଇବା ପାଇଁ ଜନସାଧାରଣଙ୍କ ସହିତ ଜଡିତ ହେଉଛନ୍ତି । ପରିବେଶ ସଂରକ୍ଷଣର ଗୁରୁତ୍ୱ ଉପରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରବନ୍ଧ ଲେଖା, ପୋଷ୍ଟର ତିଆରି, ନୁକ୍କଡ ନାଟକ (ପଥପ୍ରାନ୍ତ ନାଟକ) ଏବଂ କୁଇଜ୍ ଆୟୋଜନ କରାଯାଉଛି । ଏହି ଅଭିଯାନ ଜାତୀୟ ପ୍ରୟାସ ସହିତ ସମନ୍ୱିତ, କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର, ନାଗରିକ ସମାଜ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକୁ ସଫେଇ ଅଭିଯାନ, କର୍ମଶାଳା ଏବଂ ୱେବିନାର ମାଧ୍ୟମରେ ସାମିଲ କରାଯାଇଛି । ପୂର୍ବତଟ ରେଳପଥ ପରିବେଶ ସୁରକ୍ଷା ପ୍ରତି ଏହାର ସମର୍ପଣକୁ ପୁନଃସଜାଗ କରି ଏହାର କାର୍ଯ୍ୟଗୁଡ଼ିକୁ ବିଶ୍ୱ ଏବଂ ଜାତୀୟ ପ୍ରୟାସ ସହିତ ସମନ୍ୱିତ କରୁଛି । ସ୍ଥିର ଏବଂ ଏକତାବଦ୍ଧ ଅଂଶଗ୍ରହଣ ମାଧ୍ୟମରେ, ପୂର୍ବତଟ ରେଳପଥ ଏକ ସ୍ୱଚ୍ଛ, ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ଗୋଟିଏ ପାଦ ଆଗକୁ ବଢ଼ାଇଛି ।




# ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଜନ ସଚେତନତା

ଭୁବନେଶ୍ୱର, (ହି.ସ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)୩୧ତମ ସାଧାରଣ ପରିଷଦ ବୈଠକ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଏମ୍ ସି କମିଶନର ରାଜେଶ ପ୍ରଭାକର ପାଟିଲ, ଅତିରିକ୍ତ କମିଶନର, ସିଟି ଇଂଜିନିୟର, ମୁଖ୍ୟ ବିତ୍ତ ଅଧିକାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ଲାଇନ ଡିପାର୍ଟମେଣ୍ଟର ପ୍ରତିନିଧି, ବିଏମ୍ ସିର ସମସ୍ତ ଉପବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ଆଗୁଆ ମୌସୁମୀ ବର୍ଷା ଆସିଯାଇଥିବାରୁ, ବିଏମ୍ ସି ଅଂଚଳରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ଆଜିର ବୈଠକରେ ନିଷ୍ପତ୍ତି ହୋଇଛି । ଏହା ବ୍ୟତିତ ଖାଦ୍ୟ ଯାଞ୍ଚ, ଡ୍ରେନରୁ ପଙ୍କୋଦ୍ଧାର ଓ ସ୍ଲାବ ପକାଇବା, ଇସ୍କନ ଓ ବମିଖାଲଠାରେ ପାଣି ନ ଜମିବା ପାଇଁ ପଦକ୍ଷେପ ନିଆଯିବ । ପ୍ରତି ୱାର୍ଡରେ ନିର୍ମାଣ କରାଯିବ ବହୁମୁଖୀ ୱାର୍ଡ ଅଫିସ୍ । ଏକ ନମ୍ବର ହାଟରେ ପ୍ରତିଷ୍ଠା ହେବ ୫ ମେଟ୍ରିକ ଟନ୍ ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ । ଚଳିତ ବର୍ଷ ସହର ଏବଂ ଏହାର ଆଖପାଖରେ ବୃକ୍ଷ ରୋପଣକୁ ଜୋରଦାର କରାଯିବ । ଯେଉଁ ୱାର୍ଡରେ ପାର୍କ ନାହିଁ ସେହିସବୁ ୱାର୍ଡରେ ପାର୍କ ପ୍ରତିଷ୍ଠା ଏବଂ ଲୋକମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ଆହୁରି ୩ଟି ଓଡିଏ କୋର୍ଟ ପ୍ରତିଷ୍ଠା କରାଯିବ ।

# ଅସ୍ଥି ରୋଗ ନିବାରଣ ଶିବିର ଅନୁଷ୍ଠିତ

ଭୁବନେଶ୍ୱର, (ହି.ସ): ନୟାପଲ୍ଲୀ ଯୋଗଜିଲ୍ଲା, ଭାରତୀୟ ଯୋଗ ସଂସ୍ଥାନ ଆନୁକୂଲ୍ୟରେ ଏକ ଦ୍ୱି-ଦିବସୀୟ ଅସ୍ଥି ରୋଗ ନିବାରଣ ଶିବିର ରେଣ୍ଟାଲ କଲୋନୀ ପାର୍କ ଯୋଗ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି ।ଶିବିର ପୂର୍ବରୁ ରେଣ୍ଟାଲ କଲୋନୀରେ ଏକ ପ୍ରଭାତଫେରି ର ଆୟୋଜନ କରାଯାଇ ଯୋଗ ଦ୍ୱାରା ଓଷ୍ଟିଓଆର୍ଥାଇଟିସ୍, ଆର୍ଥାଇଟିସ୍, ଆଣ୍ଠୁ, ଅଣ୍ଟା, ବେକ, ଆଦି ରୋଗ ଯନ୍ତ୍ରଣାରୁ କିପରି ମୁକ୍ତି ପାଇବେ, ସେ ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା । ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର ଶିବିର ଉଦଘାଟନ କରିଥିଲେ ଏବଂ ଯୋଗ ଦ୍ୱାରା ସୁନ୍ଦର, ନିରୋଗ ଜୀବନ ଯାପନ କରାଯାଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାନ୍ତ ସଦସ୍ୟା ମଞ୍ଜୁଳା ମିଶ୍ର ଅସ୍ଥି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କର ଖାଦ୍ୟପେୟ, ଦିନଚର୍ଯ୍ୟା ଉପରେ ଆଲୋକପାତ କରିବା ସହ ଶିବିରାର୍ଥୀଙ୍କର ଅନେକ ସମସ୍ୟାର ଯୋଗଦ୍ୱାରା ସମାଧାନ ବତାଇଥିଲେ । ଜିଲ୍ଲା ପ୍ରଧାନ ପ୍ରଦୀପ୍ତ କୁମାର ମହାନ୍ତି, ଜିଲ୍ଲା ଉପ ପ୍ରଧାନ ରାମ କିଶୋର ଶର୍ମା, ଜିଲ୍ଲା ମନ୍ତ୍ରୀ ଜ୍ୟୋତିର୍ମୟ ରଥ ଓ ଜିଲ୍ଲା ସଂଗଠନ ମନ୍ତ୍ରୀ ଜୟଶ୍ରୀ ପଣ୍ଡା ଓ ପ୍ରମୁଖ ଅଧିକାରୀମାନେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର ଅଭ୍ୟାସ କରାଇଥିଲେ।

# ସାମ୍ବାଦିକମାନଙ୍କ ପାଇଁ ପେନସନ ଲାଗୁ କରିବାକୁ ଦାବି

ଭୁବନେଶ୍ୱର, (ହି.ସ): ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନେ ଏକଜୁଟ ହେଲେ ରାଜ୍ୟ ସରକାର ଏବଂ ସମ୍ବାଦପତ୍ର ଶିଳ୍ପର ସହଯୋଗରେ ସାମ୍ବାଦିକମାନଙ୍କୁ ଅବଦାନମୂଳକ ପେନସନ ମିଳିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ ପ୍ରକାଶ କରିଛନ୍ତି। ଓଡ଼ିଶା ପ୍ରେସ୍ ଏକାଡ଼େମୀର ୩୧ତମ ବାର୍ଷିକ ଉତ୍ସବ ଅବସରରେ ଶ୍ରୀ ଘଡ଼ାଇ କହିଛନ୍ତି ଯେ, ସମସ୍ତଙ୍କ ମିଳିତ ଉଦ୍ୟମରେ ଆଶା କରାଯାଉଥିବା କାର୍ଯ୍ୟ ନିଶ୍ଚୟ ପୂରଣ ହୋଇପାରିବ। ଅନ୍ୟତମ ଅତିଥି ପୂର୍ବତନ ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ବିଜେପିର ବରିଷ୍ଠ ନେତା ଗୌତମ ରାୟ ତାଙ୍କର ଅଭିଭାଷଣରେ ସାମ୍ବାଦିକମାନଙ୍କ ନ୍ୟାର୍ଯ୍ୟଦାବିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଉପସ୍ଥାପନ କରିବା ସହ ପ୍ରେସ୍ ଏକାଡ଼େମୀ ପକ୍ଷରୁ ଉଦ୍ୟମ ହେଉଥିବା ପେନସନ ଯୋଜନାକୁ ଲାଗୁ କରିବା ପାଇଁ ପ୍ରସ୍ତାବ ଦିଆଯିବ। ଅନ୍ୟତମ ଅତିଥି ପଦ୍ମନାଭ ବିଶ୍ୱାଳ, ବିଶିଷ୍ଟ ଶିକ୍ଷାବିତ୍ ଡଃ ବିଷ୍ଣୁଚରଣ ସାହୁ, ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ସୁଜ୍ଞାନ ଚୌଧୁରୀ ଓ ବରିଷ୍ଠ ସାମ୍ବାଦିକ ରବି ରାୟ ପ୍ରମୁଖ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଉତ୍ସବରେ ଓଡ଼ିଶା ପ୍ରେସ୍ ଏକାଡ଼େମୀର ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ପ୍ରେସ୍ ଏକାଡ଼େମୀର ଅଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସାମ୍ବାଦିକମାନଙ୍କର ଦୀର୍ଘଦିନର ଦାବୀକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଜୁଲାଇ ମାସ ପହିଲାରୁ ସାମ୍ବାଦିକମାନଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ମୂଲ୍ୟର ଔଷଧ ମେଡିସିନ୍ ବ୍ୟାଙ୍କ ଜରିଆରେ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି। କର୍ମଜୀବି ସାମ୍ବାଦିକମାନଙ୍କ ପାଇଁ ଉପଲବ୍ଧ ସ୍ୱାସ୍ଥ୍ୟବୀମା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ମୂଲ୍ୟର କ୍ୟାସ୍‌ଲେସ୍ ବୀମା ସହ ୫ ଲକ୍ଷ ଟଙ୍କା ମୂଲ୍ୟର ବୀମାରାଶି ମେଡ଼ିସିନ୍ ବ୍ୟାଙ୍କ ଏବଂ ବୀମା କମ୍ପାନୀ ସହଯୋଗରେ ଉପଲବ୍ଧ ହେବା ପାଇଁ ବ୍ୟବସ୍ଥା କରାଯାଉଛି। ଶେଷରେ ବରିଷ୍ଠ ସାମ୍ବାଦିକ ଶ୍ରୀ ବଳରାମ କାନନୁଗୋ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇସିଏମ୍ଏଆଇ ଭୁବନେଶ୍ୱର ଚାପ୍ଟରର ସାଧାରଣ ବୈଠକ

ଭୁବନେଶ୍ୱର,(ଡିକେ ନ୍ୟୁଜ): ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ ଇଣ୍ଡିଆ (ଆଇସିଏମ୍ଏଆଇ)-ଭୁବନେଶ୍ୱର ଚାପ୍ଟର ପକ୍ଷରୁ ଏହାର ୫୬ତମ ବାର୍ଷିକ ସାଧାରଣ ବୈଠକ ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ସିଏମ୍ଏ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ସମାପ୍ତି ପରେ ୨୦୨୫-୨୬ ବର୍ଷର ପ୍ରଥମ ବୈଠକରେ ମ୍ୟାନେଜିଂ କମିଟିର ସଦସ୍ୟମାନେ ବିଭିନ୍ନ ପଦାଧିକାରୀମାନଙ୍କୁ ଚୟନ କରିଥିଲେ। ଏଥିରେ ସିଏମ୍ଏ ଶରତ ଚନ୍ଦ୍ର ବେହେରା ଚେୟାରମ୍ୟାନ୍ ରୂପେ, ସିଏମ୍ଏ ଅବିନାଶ କୋଟ୍‌ନି ଭାଇସ୍ ଚେୟାରମ୍ୟାନ୍ ରୂପେ, ସିଏମ୍ଏ ସୌମ୍ୟ ରଞ୍ଜନ ଜେନା ସେକ୍ରେଟାରୀ ରୂପେ ଏବଂ ସିଏମ୍ଏ ବରଦା ପ୍ରସନ୍ନ ନାୟକ କୋଷାଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲେ। ସିଏମ୍ଏ ରମେଶ ଚନ୍ଦ୍ର ପାତ୍ର ନୂତନ ଭାବେ ନିର୍ବାଚିତ ଶରତ ଚନ୍ଦ୍ର ବେହେରାଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ ଆଇସିଏମ୍ଏଆଇ-ଇଆଇଆର୍‌ସିର ସେକ୍ରେଟାରୀ ସିଏମ୍ଏ ଦାମୋଦର ମିଶ୍ର ଏବଂ ମ୍ୟାନେଜିଂ କମିଟିର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ୫୬ତମ ବାର୍ଷିକ ସାଧାରଣ ବୈଠକ ଏବଂ ୨୦୨୫-୨୬ ବର୍ଷର ପ୍ରଥମ ମ୍ୟାନେଜିଂ କମିଟି ବୈଠକ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା।

# ଭୁବନେଶ୍ୱରରେ ତିରଙ୍ଗା ସାଇକେଲ ରାଲି




ଭୁବନେଶ୍ୱର, (ପିଆଇବି): ଭାରତୀୟ ସଶସ୍ତ୍ର ବାହିନୀକୁ ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ ବିଶ୍ୱ ସାଇକେଲ ଦିବସ ପାଳନ କରିବା ପାଇଁ, ଆଜି ଭୁବନେଶ୍ୱରରେ 'ସାଇକେଲରେ ରବିବାର'ର ୨୫ତମ ସପ୍ତାହ (ରୌପ୍ୟ ଜୟନ୍ତୀ ସପ୍ତାହ) ଅବସରରେ 'ତିରଙ୍ଗା ସାଇକେଲିଂ ରାଲି' ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଭାରତୀୟ କ୍ରୀଡା ପ୍ରାଧିକରଣ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡା ଏବଂ ଯୁବ ସେବା ବିଭାଗ ଦ୍ୱାରା ମିଳିତ ଭାବରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ୨୫ ସପ୍ତାହ ତଳେ ଯୁବ ବ୍ୟାପାର ଏବଂ କ୍ରୀଡା ଏବଂ ଶ୍ରମ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା ଏବଂ ସେବେଠାରୁ ଗତ ସପ୍ତାହ ପର୍ଯ୍ୟନ୍ତ ଭାରତରେ ୫୫୦୦ ରୁ ଅଧିକ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ ୩ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ 'ମନ କି ବାତ'ର ୧୧୭ତମ ଏପିସୋଡ୍ ସମୟରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କଠାରୁ ସ୍ୱୀକୃତି ମଧ୍ୟ ମିଳିଛି, ଯାହା ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱ ପ୍ରଦାନ କରେ ଏବଂ ସ୍ଥୂଳତା ଏବଂ ଜୀବନଶୈଳୀ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ସହିତ ଲଢ଼ିବା ପାଇଁ ତାଙ୍କ ସ୍ପଷ୍ଟ ଆହ୍ୱାନକୁ ଗୁରୁତ୍ୱ ଦେଇ, ଦେଶବ୍ୟାପୀ ବିଭିନ୍ନ ଗୋଷ୍ଠୀ ଏବଂ ଅନୁଷ୍ଠାନ ମାଧ୍ୟମରେ ସାଇକେଲିଂକୁ ପ୍ରୋତ୍ସାହିତ କରାଯାଉଛି। ଆଜିର ତିରଙ୍ଗା ସାଇକେଲ ରାଲିକୁ ଓଡ଼ିଶା ସରକାରଙ୍କ ଡିଏସୱାଇଏସ୍ ର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଡିଏସୱାଇଏସ୍ ର ଅତିରିକ୍ତ ସଚିବ ଅଶୋକ କୁମାର ପଣ୍ଡା, ମାଇ ଭାରତ ରାଜ୍ୟ ନିର୍ଦ୍ଦେଶକ ଶିବାଜୀ ଖରାଟ, ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଓଡ଼ିଶା ପ୍ରଭାରୀ ତ୍ରୈଲୋକ୍ୟନାଥ ସାହୁ, ସିଆରପିଏଫ୍ କମାଣ୍ଡାଂଟ ଆନନ୍ଦ ଝା, ଏବଂ ଡେପୁଟି କମାଣ୍ଡାଣ୍ଟ ନାଗେଶ କୁମାର, ଏନଏସଏସର ସହକାରୀ ନିର୍ଦ୍ଦେଶକ ଅଜିତ ଖୁସୱାହା, ଓଡ଼ିଶା ସାଇକେଲିଂ ଆସୋସିଏସନର ସମ୍ପାଦକ ଶ୍ରୀ ପ୍ରସନ୍ନ କୁମାର ରାଉତ ଏବଂ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଲିରେ ସିଆରପିଏଫ, ଏନଏସଏସ, ମାଇ ଭାରତ, ଓଡ଼ିଶା ସାଇକେଲିଂ ଆସୋସିଏସନ, କିଟ୍ ଏବଂ କିସ୍ ବିଶ୍ୱବିଦ୍ୟାଳୟ ଏବଂ ସାଇର ୨୫୦ରୁ ଅଧିକ ସାଇକେଲ ଚାଳକ ଅଂଶଗ୍ରହଣ କରିଥିଲେ।

# ତିନି ରଥର ଦଣ୍ଡା ଫ୍ରେମ୍ ନିର୍ମାଣ ପ୍ରସ୍ତୁତି ଶେଷ



ପୁରୀ, (ଡିକେ ନ୍ୟୁଜ): ଆଜିଥିଲା ରଥ ନିର୍ମାଣ ୩୨ତମ ଦିବସ । ତିନି ରଥର ଚେଚିସ୍ ବା ଦଣ୍ଡା ଫ୍ରେମ୍ ନିର୍ମାଣ ପ୍ରସ୍ତୁତି ଶେଷ ହୋଇଛି । ଶନିବାର ସୁଦ୍ଧା ତିନିରଥର ପାଞ୍ଚଦଣ୍ଡା ଚଉପଟ ସହ ଦଣ୍ଡାଗୁଡ଼ିକର ମୁହାଁଟ ସଂଯୋଗ ସହ ପାର୍ଶ୍ୱ ଦଣ୍ଡା ଗୁଡ଼ିକର ଚଉପଟ କାର୍ଯ୍ୟ ଜାରି ରହିଥିଲା । ରବିବାର ତିନି ରଥର ପଞ୍ଚଦଣ୍ଡାରେ ମୁହାଁଟ ସଂଯୋଗ ପରେ ଆଗ ଏବଂ ପଛ ନିରାଡ଼ି ଉଠି ପାର୍ଶ୍ୱଦଣ୍ଡାରେ କୁଡୁକା ଲାଗି ହୋଇ ପାର୍ଶ୍ୱ ନୀରାଡି ପଡ଼ିଛି । ଏହାର ଆଗ ଆଣି ମୁହାଁଟରେ ପାଞ୍ଚୋଟି ସାଲଗୁଜ, ପଛ ଆଣି ମୁହାଁଟରେ ତିନୋଟି ଜଳଯନ୍ତ୍ର ଏବଂ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ କୋଣ ଗୁଜ ଉଠି ସେହି ଗୁଜ ଉପରେ ନିରାଡ଼ି ସଂଯୋଗ ହୋଇ ଦଣ୍ଡା ଫ୍ରେମ ପ୍ରସ୍ତୁତି ଶେଷ ହୋଇଛି । ଏହିଦଣ୍ଡା ଫ୍ରେଂମ ପ୍ରସ୍ତୁତି କାର୍ଯ୍ୟ ମୁଖ୍ୟ ମହାରଣାମାନଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଏଥିସହ ତିନି ରଥର ଚରିଗୋଟି ଲେଖାଏଁ ଧ୍ୱଜ ବତାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କରତୀ ସେବକମାନେ ନନ୍ଦିଘୋଷ ରଥର ୪୦ ଫୁଟିଆ ପୋଲ ଗୟଳର ଉଭୟ ପାର୍ଶ୍ୱ ଚିତା କାର୍ଯ୍ୟ ଶେଷ କରିବା ପରେ ଚିରଟ କାର୍ଯ୍ୟ ଶେଷ କରିଛନ୍ତି । ରୂପକାର ସେବକମାନେ ତିନିରଥର ବେଦୀ ସିଂହାସନ ମୁହାଁଟରେ କୁମ୍ଭ, ଡାଳି ଲତା ଆଦି ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି । ଦୋଳବେଦୀସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝାସେବକମାନେ ତିନିରଥ ଦଣ୍ଡା ପାଇଁ ଦଣ୍ଡା ବିଡ଼ିଆ କଣ୍ଟା, ଗୟଳ କଣ୍ଟା ସହ ଗରଗରା କଣ୍ଟା ସହ ଧ୍ୱଜ ବତା କଣ୍ଟା ନିର୍ମାଣ ଜାରି ରଖିଛନ୍ତି । ପହି ମହାରଣାମାନେ ଦୋଳ ବେଦୀ ଠାରେ ରଥରେ ପୂଜାର୍ଚ୍ଚନା ପାଇଁ ବେଶ ଘୋଡ଼ିଆ ଏବଂ ଫୁଲ ଋଙ୍ଗଡ଼ା ଫ୍ରେମ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଛନ୍ତି ।

## ବୃକ୍ଷରୋପଣରେ ଦୁର୍ନୀତି ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଦାବି

କଲ୍ୟାଣସିଂହପୁର, (ଡିକେ ନ୍ୟୁଜ): ଜଳବାୟୁ ପରିବର୍ତ୍ତନକୁ ରକ୍ଷା କରିବା ପାଇଁ ପରିବେଶ ସନ୍ତୁଳନ ଯୋଗୁ ବୃକ୍ଷ ରୋପଣମାନ କରାଯାଉଛି । କିନ୍ତୁ ବାସ୍ତବରେ ବୃକ୍ଷ ରୋପଣ କେତେ ଫଳ ପ୍ରଦ ହୋଇଛି ତାହା କିର୍କଲ ପାଡୁ ଓ ଭେଜା ମୁଖ୍ୟ ରାସ୍ତା ମଧ୍ୟରେ ଲଗା ଯାଇଥିବା ଗଛ ଭାତ ହାଣ୍ଡିରୁ ମାତ୍ର ଗୋଟିଏ । ରାୟଗଡା ବନଖଣ୍ଡ ଅନ୍ତର୍ଗତ କଲ୍ୟାଣସିଂହପୁର ବନାଞ୍ଚଳର ଶିକର ପାଇ ସେକ୍ସନରେ ମନରେଗାରେ ବୃକ୍ଷ ରୋପଣ ନାମରେ ଲକ୍ଷଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ଜଳ ଜଳ ହୋଇ ଦିଶୁଥିବା କାହାରିକୁ ଅଛପା ନାହିଁ କହିଲେ ଭୁଲ ହେବନାହିଁ । ଶିକର ପାଇ ସେକ୍ସନ ଅଧୀନ ବନ ବିଭାଗ ପକ୍ଷରୁ ଜଳବାୟୁ ପରିବର୍ତ୍ତନ ପାଇଁ ଏଭେନ୍ୟୁ ପ୍ଲାଣ୍ଟେସନ ମନରେଗା ମାଧ୍ୟମରେ ୨୩-୨୪ ମସିହାରେ ବାର ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖଯାଇ ଥିଲା । ଉକ୍ତ ଟଙ୍କାକୁ ଧାମଳିମା ଓ କିର୍କଲ ପାଡୁ ନାଳ ନିକଟରୁ ଭେଜା ଗ୍ରାମ ପର୍ଯ୍ୟନ୍ତ ପ୍ରାୟ ୭କିମି ମୁଖ୍ୟରାସ୍ତାର ଦୁଇ ପାର୍ଶ୍ୱରେ ବିଭିନ୍ନ ପ୍ରକାର ବୃକ୍ଷ ୨୩ ମସିହାରେ ଲଗା ଯାଇଥିଲା । ସେହି ମନରେଗା କାର୍ଯ୍ୟରେ ଶ୍ରମିକ ନିଯୁକ୍ତି ମଧ୍ୟ ହୋଇଥିଲେ । କିନ୍ତୁ ପ୍ରକୃତ ଶ୍ରମିକଙ୍କୁ ନଗଦ ଟଙ୍କା ପ୍ରଦାନ କରିଯାଇଥିବା ବେଳେ ନକଲି ଶ୍ରମିକଙ୍କ ନାମରେ ଆର୍ଟିଜିଏସ ମାଧ୍ୟମରେ ୭,୬୨,୩୬୯ ଟଙ୍କା ମାଷ୍ଟର ରୋଲରୁ ଜଣାପଡିଛି । ଉକ୍ତ କାର୍ଯ୍ୟରେ କାମ ନକରି ଥିବା ଶ୍ରମିକଙ୍କ ନାମରେ ବ୍ୟାଙ୍କ ଜମା ଖାତାକୁ ଜମା କରା ଯାଇଥିଲା । ପରେ ଉକ୍ତ ଟଙ୍କାକୁ ଦଲାଲ ମାଧ୍ୟମରେ ଉକ୍ତ ଟଙ୍କା ଉଠାଇ ଆଣି ବିଭାଗୀୟ ଅଧିକାରୀମାନେ ଆତ୍ମସାତ କରିଦେଇଥିବା ଅଭିଯୋଗ ହୋଇଛି । ଏହି ରାସ୍ତାରେ ଲାଗିଥିବା ହଜାର ହଜାର ଗଛ ମଧ୍ୟରୁ ଗୋଟିଏ ଗଛ ମଧ୍ୟ ରାସ୍ତାରେ ଦେଖା ଯାଉନି । ବନପାଳଙ୍କ ରକ୍ଷାଣା ବ୍ୟକ୍ଷଣ ପାଇଁ ମଧ୍ୟ ମିଥ୍ୟା ବିଲ କରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଲାଗିଥିବା ଗଛର ଚିହ୍ନ ବର୍ଣ୍ଣ ନଥିବାରୁ ବିଭାଗର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରତି ବର୍ଷ ରକ୍ଷାଣା ବେକ୍ଷଣ ନାମରେ ଲକ୍ଷ ଲକ୍ଷ ଟଙ୍କା ଉଠାଇ ବିଭାଗ ସ୍ୱାହା କରୁଥିବା ଏହି ବୃକ୍ଷ ରୋପଣରୁ ଜଣାପଡୁଛି । ସେହିପରି ସାମଗ୍ରୀ କିଣାରେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କା ଦୁର୍ନୀତି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଉକ୍ତ ବୃକ୍ଷ ରୋପଣ ସମୟରେ ଓ୍ୱାଚର ନରଖି ନକଲି ଓ୍ୱାଚର ନାମରେ ମାସମାସ ଟଙ୍କା ଉଠାଇ ଥିବା ତଦନ୍ତ କଲେ ତଥ୍ୟ ପଦାକୁ ଆସିବ ବୋଲି ଅଭିଯୋଗ ହୋଇଛି । ଏଣୁ ଜିଲ୍ଲା ବନଖଣ୍ଡ ଅଧିକାରୀ ଓ ଭିଜିଲାନ୍ସ ବିଭାଗ ତଦନ୍ତ କଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି ।

## ଭାଇରାଲ୍ ହେଲା ଡ୍ରୋନ୍ ଭିଡିଓରେ ଶ୍ରୀମନ୍ଦିରର ଚିତ୍ର

ପୁରୀ,(ଡିକେ ନ୍ୟୁଜ): ପୁଣି ଭାଇରାଲ୍ ହୋଇଛି ଡ୍ରୋନ୍ ଭିଡିଓରେ ଶ୍ରୀମନ୍ଦିରର ଚିତ୍ର । ଭିଡିଓରେ ଶ୍ରୀ ମନ୍ଦିରର ମୁଖ୍ୟ ବାନା ଲଗାଯାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିବାବେଳେ ଜଣେ ଚୁନେରା ସେବାୟତ ନମସ୍କାର କରୁଥିବା ସେଥିରେ ଦେଖିବାକୁ ମିଳିଛି । ମେ' ୩୦ ତାରିଖରେ ଫେସବୁକରେ ଭିଡିଓ ଅପଲୋଡ୍ ହୋଇଛି । ଉତ୍ତରପ୍ରଦେଶର ହିମାଂଶୁ ନାମକ ଜଣେ ଯୁବକଙ୍କ ଆକାଉଣ୍ଟରୁ ଶ୍ରୀମନ୍ଦିରର ଡ୍ରୋନ୍ ଭିଡିଓ ଭାଇରାଲ ହୋଇଥିଲା । ତେବେ ଏବେ ସେ ଆକାଉଣ୍ଟରୁ ତାହାକୁ ଡିଲିଟ୍ କରିଦେଇଥିବା ଜଣାଯାଇଛି । ଶ୍ରୀମନ୍ଦିର ଅଞ୍ଚଳକୁ ନୋ ଫ୍ଲାଇଙ୍ଗ ଜୋନ ଘୋଷଣା କରାଯାଇଥିବାବେଳେ ମଧ୍ୟ କିପରି ବାରମ୍ବାର ଡ୍ରୋନ କ୍ୟାମେରାରେ ଭିତରର ଚିତ୍ର ଉତ୍ତୋଳନ କରାଯାଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଘଟଣା ଶ୍ରୀମନ୍ଦିର ସୁରକ୍ଷାକୁ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଭାଇରାଲ ଭିଡିଓରେ ବାରମ୍ବାର ଏହି ଚୁନେରା ସେବାୟତଙ୍କୁ ଦେଖିବାକୁ ମିଳିଛି । ତେଣୁ ଭିଡିଓ ସୁଟ୍ ବିଷୟରେ ସେବାୟତ ଜଣଙ୍କ ଜାଣିଥିବା ଆଲୋଚନା ହେଉଛି । ତେଣୁ ସମ୍ପୃକ୍ତ ଚୁନରା ସେବାୟତଙ୍କ ଉପରେ ଶ୍ରୀମନ୍ଦିର ପ୍ରଶାସନ କିଭଳି କାର୍ଯ୍ୟାନୁଷ୍ଠାନ ନେଇଛି ତାହାକୁ ନେଇ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପରିଲକ୍ଷିତ ହୋଇଛି ।

## ହତ୍ୟା ଉଦ୍ୟମ ମାମଲାରେ ଜଣେ ଗିରଫ

ଜୟପୁର, (ହି.ସ): ଜୟପୁର ସଦରଥାନା ଅନ୍ତର୍ଗତ ଦାମାପୁଟ ଗ୍ରାମରେ ଜଣେ ମହିଳାକୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ସଦରପୁଲିସ ସେହି ଗ୍ରାମର କପିଳ ଶୁକ୍ରିକୁ ଗିରଫ କରି କୋର୍ଟଚାଲାଣ କରିଛି । ମିଳିଥିବା ସୂଚନା ଅନୁଯାୟୀ, କପିଳ ଏକ ଟାଙ୍ଗିଆ ଧରି ଜ୍ୟୋତିପ୍ରଭା ଖୋଡାଙ୍କୁ ଆକ୍ରମଣ କରିବାକୁ ଆସିଥିଲା । ପରିବାର ଲୋକେ ଟାଙ୍ଗିଆଟିକୁ ଛଡାଇ ନେବା ପରେ ପୁଣିଥରେ ଅଭିଯୁକ୍ତ କପିଳ ଏକ କାଠ ଫାଳିଆରେ ମୁଣ୍ଡକୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ କାଠ ଫାଳିଆଟି ମୁଣ୍ଡରେ ନ ବାଜି ହାତରେ ବାଜିଥିଲା । ଯାହା ଫଳରେ ଜ୍ୟୋତିପ୍ରଭାଙ୍କୁ ଗୁରୁତର ଆଘାତ ଲାଗିଥିଲା । ଏନେଇ ସଦରଥାନାରେ ଜ୍ୟୋତିପ୍ରଭା ଲିଖିତ ଭାବେ ଜଣାଇବା ପରେ ସଦର ପୁଲିସ ଏକ ମାମଲା ରୁଜୁ କରି କପିଳକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି ବୋଲି ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ଖୋର୍ଦ୍ଧା ଟାଙ୍ଗୀ ବ୍ଲକର ୧୦ଟି ପଞ୍ଚାୟତରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଶୂନ

### ୨୬ଟି ପଞ୍ଚାୟତରେ ରବି ଫସଲ ପାଇଁ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ସାତ ଶପନ

ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ଋଷୀର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଭୟ କେନ୍ଦ୍ର ତଥା ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଥିବା ନାରାବାଜି କରୁଥିବା ବେଳେ ଏହା କିନ୍ତୁ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର ୨୬ଟି ପଞ୍ଚାୟତରେ ସଂପୂର୍ଣ୍ଣ ବ୍ୟତିକ୍ରମ । ସରକାରଙ୍କ ନିକଟରେ ଅର୍ଥ କି ଉନ୍ନତ ଜ୍ଞାନକୌଶଳର ଅଭାବ ନାହିଁ କିନ୍ତୁ ଏହାର ପ୍ରକୃତ ବିନିଯୋଗ କରାଯିବା ପାଇଁ ରାଜନୈତିକ କି ପ୍ରଶାସନିକ ଆନ୍ତରିକତା ଆଦୌ ନଥିବା ବାସ୍ତବିକ ପରିତାପର ବିଷୟ । ବର୍ଷ ବର୍ଷ ଧରି ଏହି ବ୍ଲକର ଅଧିକାଂଶ ପଞ୍ଚାୟତରେ ପାନୀୟଜଳ ସଙ୍କଟ, ଜଳସେଚନ ପାଇଁ ବ୍ୟବସ୍ଥା ନାହିଁ ଏପରିକି କୌଣସି ପ୍ରକାର ସନ୍ତୋଷଜନକ ଖରିଫ କି ରବି ଫସଲ ପାଇଁ ମଧ୍ୟ କ୍ଷୁଦ୍ର ଜଳସେଚନର ବ୍ୟବସ୍ଥା ନଥିବା ପରିତାପର ବିଷୟ । ଅପ୍ରିୟ ସତ୍ୟ ବର୍ଷା ଜଳ ହିଁ ଋଷୀର ମେରୁଦଣ୍ଡ ତଥା ଭାଗ୍ୟ ବିଧାତା କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ବ୍ଲକର ୨୬ଟି ପଞ୍ଚାୟତ ମଧ୍ୟରୁ ରତନପୁର, ରାମଚନ୍ଦ୍ରପୁର, କନ୍ତଳବାଇ, ବାଲିପାଟପୁର, ଭୂଷଣ୍ଡପୁର, ରାମେଶ୍ୱର, ଛଣଗିରି, କମାଗୁରୁ, ବଡପୋଖରିଆ, ଓ ସାନରାଉତପଡା ପଞ୍ଚାୟତରେ ଖରିଫ ଋଷ ପାଇଁ ସରକାରଙ୍କର କୌଣସି ବ୍ୟବସ୍ଥା ନଥିବା ପରିତାପର ବିଷୟ । ଲେଣ୍ଡୋ ପଞ୍ଚାୟତ ପାଇଁ ଆସେଲି ଟ୍ୟାଙ୍କ, ସାହାଡାଜୋଡା ଓ ସାତଗୋଛିଆ ପୋଖରୀରୁ ୧୩୩ ହେକ୍ଟରକୁ ଜଳ ଯୋଗାଣ ଯୋଗୁ ଋଷୀ ଖରିଫ ଋଷ ପାଇଁ ସକ୍ଷମ ହୋଇପାରୁଥିବା, ଆଠବାଟି, କୁଲାପଡା ଆଡିବନ୍ଧରୁ ୧୩୮ ହେକ୍ଟର ଜମିକୁ, ବଡପୋଖରି ଘରୋଇ ପୋଖରୀରୁ ଜଳ ସଂଗ୍ରହ କରାଯାଇ ୪୧ ହେକ୍ଟରରେ ଖରିଫ ଋଷ ହୋଇପାରୁଛି । ବୈଷ୍ଣବ ବନ୍ଧ, ହଳଦିଗାଡିଆ, ଇନ୍ଦ୍ରଝିଲି ଖଜୁରିଆଡିଆ ଜଳାଶୟରୁ ସଂଗୃହୀତ ଜଳରେ ନୂଆଗଡ ପଞ୍ଚାୟତର ୨୨୦ ହେକ୍ଟର, ଭଜାଗଡ, ସୁନାମୁହିଁଆ ଜଳାଶୟରୁ ସଂଗୃହୀତ ଜଳରେ ୮୩ ହେକ୍ଟର ଖରିଫ ଋଷ, ଭୋଗରା, ସରବାଡିହ ଜଳାଶୟରୁ ୮୪ ହେକ୍ଟର ଜମିକୁ ସଂଗୃହୀତ ଜଳରେ ଖରିଫ ଋଷ କରାଯାଉଛି, ଛମାଣିଆ ଜଳାଶୟରୁ ସୁନ୍ଦରପୁର ପଞ୍ଚାୟତକୁ ୪୧ ହେକ୍ଟର, ଗୋବର୍ଦ୍ଧନ, ପନ୍ଦରମାନ ପୋଖରୀରୁ ଟାଙ୍କୋଳ ପଞ୍ଚାୟତରେ ୮୫ ହେକ୍ଟର ଖରିଫ ଫସଲ ପାଇଁ ଜଳ ବ୍ୟବହାର ଉପଯୋଗୀ ହୋଇପାରୁଥିବା ଜଣାପଡିଛି । ସେହିଭଳି ନିରାକାରପୁର ପଞ୍ଚାୟତର ତିନୋଟି ଜଳଉତ୍ସରୁ ୧୨୭ ହେକ୍ଟର, ସରପାରି ପଞ୍ଚାୟତର ଦୁଇଟି ଜଳଉତ୍ସରୁ ୮୨ ହେକ୍ଟର, କୁଞ୍ଜୁରୀ ପଞ୍ଚାୟତର ଝୁଲିଗଡ ପୋଖରୀରୁ ୪୧ ହେକ୍ଟରରେ ଖରିଫ ଫସଲ, ପାରିଓରଡ ପଞ୍ଚାୟତର ଦୁଇଟି ଜଳଉତ୍ସରୁ ୮୨ ହେକ୍ଟର ପାଇଁ, ଓଳସିହଂ ପଞ୍ଚାୟତର କୋଚିଲାଗଣ୍ଡ ପୋଖରୀରୁ ଜଳ ସଂଗ୍ରହ କରାଯାଇ ମାତ୍ର ୪୧ ହେକ୍ଟରଁ କୁହୁଡି ପଞ୍ଚାୟତ ନନ୍ଦୁନାଳ ଜଳଉତ୍ସରୁ ୪୧ ହେକ୍ଟର ଉଜଳାଗୋପୀନାଥପୁର ପଞ୍ଚାୟତର ତେଲିପୋଖରିରୁ ଜଳ ସଂଗ୍ରହ କରାଯାଇ ୪୧ ହେକ୍ଟର ପାଇଁ ଖରିଫ ଋଷ ବ୍ୟବସ୍ଥା ଥିବା ବେଳେ ଟାଂଗୀ ପଞ୍ଚାୟତରେ ମୃତ ଅବସ୍ଥାରେ ପଡି ରହିଥିବା ମଙ୍ଗଳଯୁତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ୩୬୪ ହେକ୍ଟରକୁ ଖରିଫ ଓ ରବି ଫସଲ ପାଇଁ ମାତ୍ର ୪୦ ହେକ୍ଟର ପାଇଁ ଜଳ ବ୍ୟବହାର ଉପଯୋଗୀ ହୋଇଥିବା ଜଣାପଡିଛି । ତେବେ ମଙ୍ଗଳଯୁତ ପ୍ରକଳ୍ପର ଗୋଟିଏ ମାତ୍ର ଗେଟ ଥିଲେ ମଧ୍ୟ ତାହା ଅକାମି ହୋଇରହିଥିବାରୁ ଋଷୀ କାର୍ଯ୍ୟରେ ଆସିପାରୁନାହିଁ । ଟାଙ୍ଗୀ ବ୍ଲକରେ ରବି ଫସଲ ପାଇଁ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା ଓ ଏହି ବ୍ଲକ ୧୦ଟି ପଞ୍ଚାୟତରେ ଖରିଫ ଋଷ ପାଇଁ ଜଳର ଅନୁକୂଳ ବାତାବରଣ ନଥିବାରୁ ଋଷୀ ଉଭୟ ଖରିଫ ଓ ରବି ଫସଲରୁ ମୁହଁ ଫେରାର ନେଉଥିବା ଜଣାପଡିଛି । ପ୍ରତ୍ୟେକ ଫସଲ ପାଇଁ ପର୍ଯ୍ୟାପ୍ତ ଜଳର ଆବଶ୍ୟକତା ରହିଛି । ସରକାର ଋଷୀର ମନୋବଳକୁ ଦୃଢ ତଥା ବିଭିନ୍ନ ଋଷବାସରେ ଉତ୍ସାହିତକୁ ଦୃଷ୍ଟିରେ ରଖି ଜଳର ବ୍ୟବସ୍ଥା ନକଲେ ଦିନ ଆସିବ ଛଦ୍ମବେଶୀ ବେକାରୀମାନଙ୍କ ସମସ୍ୟା ମୁଣ୍ଡ ଟେକିବା ସହ ଏହା ସ୍ୱାଭାବିକ ଘଟଣାରେ ପରିଣତ ହେବ । ତେବେ ମଙ୍ଗଳଯୁତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ପାଇଁ ୨୫ ଲକ୍ଷ ଟଙ୍କା ସରକାରୀ ସହାୟତା ଆସିଥିବା ଓ ବର୍ଷା ପୂର୍ବରୁ ଏହି ପ୍ରକଳ୍ପ ଫାଟକ ସମେତ ଆନୁସଂଗିକ କାର୍ଯ୍ୟ ଶେଷ ପାଇଁ ଉଦ୍ୟମ ଜାରି ରହିଛି ବୋଲି ବିଭାଗୀୟ କନିଷ୍ଠଯନ୍ତୀ ମନୋରଞ୍ଜନ ମିଶ୍ର ସୂଚନା ପ୍ରଦାନ କରିଛନ୍ତି ।

## ବ୍ଲକ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କେନ୍ଦୁଝର,(ଡିକେ ନ୍ୟୁଜ୍):** କେନ୍ଦୁଝର ସଦର ବ୍ଲକ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ପୂର୍ଣ୍ଣଚନ୍ଦ୍ର ବାରିକଙ୍କ ସରକାରୀ ଋକିରୀରୁ ଅବସର ଗ୍ରହଣ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ କଲେକ୍ଟରେଟ୍ ଦରବାର ହଲ୍ରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଋରୀ ବୃନ୍ଦ ଯୋଗଦାନ କରିଥିଲେ । ଓଡିଶା ରାଜସ୍ୱ ଅମଲା ସଂଘର ଜିଲ୍ଲା ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର ବିଦାୟୀ କର୍ମଋରୀଙ୍କ ସମୟାନୁବର୍ତିତା, ସମସ୍ତ କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତର୍ଜମା ସହିତ ତାର ସମାଧାନ କରି କର୍ମଋରୀ ମାନଙ୍କର ଆଦର୍ଶ ହୋଇପାରିଥିବାରୁ ଧନ୍ୟବାଦ୍ ଜଣାଇଥିଲେ । ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ ନିଜ ନିଜ ବକ୍ତବ୍ୟରେ ବିଦାୟୀ କର୍ମଋରୀଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ତାଙ୍କର କାର୍ଯ୍ୟ ଦକ୍ଷତା ଆମମାନଙ୍କ ପାଇଁ ପ୍ରେରଣାଦାୟକ ହୋଇ ରହିବ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଳିକ ନିଜ ଅଭିଭାଷଣରେ ଶ୍ରୀ ବାରିକ ଦୀର୍ଘ ୩୪ ବର୍ଷ ନିଜ ଦାୟିତ୍ୱ ସୁରୁରୂପେ ତୁଲାଇଥିବାରୁ ଧନ୍ୟବାଦ ଜଣାଇବା ସହିତ ଅବସର ପରେ ମା'ତାରିଣୀ ସମସ୍ତଙ୍କୁ ସୁଖଶାନ୍ତିରେ ରଖନ୍ତୁ ବୋଲି ପ୍ରାର୍ଥନା କରିଥିଲେ । ରାଧାରମଣ ଚକ୍ର, ମାଧବ ଚନ୍ଦ୍ର ସେଠୀ, ଭୁବନେଶ୍ୱର ମହାପାତ୍ର, ସନ୍ତୋଷ କୁମାର ରଣା, ସଚିନ କୁମାର ପଣ୍ଡା, ପୀତବାସ ମହାନ୍ତ, ଅନିମା ଭୋଳ, ବବିତା ସାହୁ, ସମ୍ପାଦକ ପ୍ରଭାତେନ୍ଦୁ ନାଏକଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅନ୍ୟ କର୍ମଋରୀ ତଥା ଜିଲ୍ଲାର ସମସ୍ତ ରାଜସ୍ୱ କର୍ମଋରୀ ବୃନ୍ଦ ଯୋଗଦାନ କରି ଅବସରକାଳୀନ କାର୍ଯ୍ୟକ୍ରମକୁ ପରିଋଳନାରେ ସହଯୋଗ କରିଥିଲେ ।

## ବଢ଼ୁଛି ଅପମିଶ୍ରିତ ବାସି ଖାଦ୍ୟ ବିକ୍ରି, ଚଢ଼ଉ ଦାବି

ଜୟପୁର, (ହି.ସ): କୋରାପୁଟ ଜିଲାରେ ଛତୁ ଫୁଟିଲା ଭଳି ହୋଟେଲ ଫାଷ୍ଟଫୁଡ୍ ଓ ଜଳଖିଆ ଦୋକାନ ଖୋଲି ଚାଲିଥିବା ବେଳେ ଅଧିକାଂଶ ସ୍ଥାନରେ ଅପମିଶ୍ରିତ ଖାଦ୍ୟ ଖାଉଟୀମାନଙ୍କୁ ଦିଆଯାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ଫୁଡ୍ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ହୋଟେଲ ଓ ଫାଷ୍ଟଫୁଡ୍ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଖୁଲମ୍ ଖୁଲା ଅପମିଶ୍ରିତ ଖାଦ୍ୟ ବିକ୍ରୟ କରୁଛନ୍ତି । କୋରାପୁଟ ଜିଲା ଏକ ଗୁରୁତ୍ୱପୂର୍ଣ୍ଣ ଜିଲା ଅଟେ । ଏହି ଜିଲାର ଶିକ୍ଷାନୁଷ୍ଠାନ ଠାରୁ ଆରମ୍ଭ କରି ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ବ୍ୟାଙ୍କ ଆଦି ରହିଅଛି । ତେଣୁ ଜିଲାକୁ ବାହାର ଅଂଚଳର ବହୁ ବ୍ୟକ୍ତି ଛାତ୍ରଛାତ୍ରୀ ଆସିଥାନ୍ତି । ସେମାନଙ୍କ ମଧ୍ୟରୁ ବହୁ ବ୍ୟକ୍ତି ଜୟପୁର, ସେମିଳିଗୁଡା, କୋରାପୁଟ, କୋଟପାଡ, ବୈପାରିଗୁଡା ଅଂଚଳରେ ଥିବା ବିଭିନ୍ନ ହୋଟେଲ ଏବଂ ଜଳଖିଆ ଦୋକାନରେ ଭୋଜନ କରିଥାନ୍ତି । କିନ୍ତୁ, ଜୟପୁରର କିଛି ହୋଟେଲରେ ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ଗ୍ରାହକମାନଙ୍କୁ ଦିଆଯାଉଛି । ବହୁ ହୋଟେଲରେ ୩/ ୪ ଦିନର ବାସୀ ଖାଦ୍ୟକୁ ଡିପ୍ ଫ୍ରିଜରରେ ରଖି ଖାଲି ଗରମ କରି ଖାଉଟୀମାନଙ୍କୁ ଏହି ଖାଦ୍ୟ ପ୍ରଦାନ କରାଯାଉଥିବା ବେଳେ ଖାଦ୍ୟ ପ୍ରସ୍ତୁତ ହେଉଥିବା ତେଲ, ମସଲା ଓ ବହୁ ଆବଶ୍ୟକୀୟ ସାମଗ୍ରୀ ଅତ୍ୟନ୍ତ ନିମ୍ନମାନର ବ୍ୟବହାର କରାଯାଉଛି । ଫଳରେ ଏହି ସବୁ ଖାଦ୍ୟ ଖାଇ ବହୁ ବ୍ୟକ୍ତି ପେଟ ରୋଗ ସମେତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି । କୋରାପୁଟ ଜିଲା ଅଂଚଳରେ କେତେକ ବ୍ୟବସାୟୀ ହୋଟେଲ କରି ନିୟମିତ ଅପମିଶ୍ରିତ ଖାଦ୍ୟ ଖାଉଟୀମାନଙ୍କୁ ଖାଇବାକୁ ଦେଉଥିଲେ ହେଁ ଖାଦ୍ୟ ନିରାପତା ବିଭାଗ ଏ ଦିଗରେ ଦୃଷ୍ଟି ଦେଉନଥିବା ସାଧାରଣରେ ଅଭିଯୋଗ ହେଉଛି । ବିଭାଗୀୟ ଉଚ୍ଚ କର୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଇ ଏହି ଅଂଚଳରେ ନିମ୍ନମାନର ଓ ଅପମିଶ୍ରିତ ବାସୀ ଖାଦ୍ୟ ଖାଉଟୀମାନଙ୍କୁ ବିକ୍ରୟ କରୁଥିବା ପ୍ରତିଷ୍ଠାନ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବି ହୋଇଛି ।

## ବିଷାକ୍ତ ଛତୁଖାଇ ଗୋଟିଏ ପରିବାରର ତିନି ଗୁରୁତର



କଲ୍ୟାଣସିଂହପୁର, (ଡିକେ ନ୍ୟୁଜ): ବିଷାକ୍ତ ଛତୁଖାଇ ଗୋଟିଏ ପରିବାରର ଶିଶୁ ସମେତ ତିନି ଗୁରୁତର ହୋଇଛନ୍ତି । ଗୁରୁତରମାନେ ହେଲେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସେରିଗୁମା ପଞ୍ଚାୟତ ତୁମ୍ବିତରାଇ ଗ୍ରାମର ରାମି ପେରିସିକା, ସିର୍ଦ୍ଧାଥ ପେରିସିକା (୧୬), ଶିଶୁ ଦିଲପ ପେରିସିକା (୩) । ଏଭଳି ଘଟଣା ଦେଖିବାକୁ ମିଳିଛି କଲ୍ୟାଣସିଂହପୁର ବ୍ଲକ ସେରିଗୁମା ପଞ୍ଚାୟତର ତୁମ୍ବିତରାଇ ଗାଁରେ । ଶନିବାର ଏହି ପରିବାର ଜଙ୍ଗଲକୁ ଯାଇ ଫେରିବା ବେଳେ ବାଟରେ ଛତୁଦେଖି ଗୋଟାଇ ଆଣିଥିଲେ । ଉକ୍ତ ଛତୁକୁ ରନ୍ଧେଇ କରି ଖାଇବାପରେ କିଛିସମୟ ପରେ ପେଟ ବ୍ୟଥା, ବାନ୍ତି ହୋଇ ଗୁରୁତର ହେବାରୁ ପରିବାର ଲୋକ ଦେଖି ଆମ୍ବୁଲାନ୍ସକୁ ଯୋଗାଯାଗ କରି ଗତ ରାତ୍ର ସମୟରେ କଲ୍ୟାଣସିଂହପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଏହି ପରିବାର ମଧ୍ୟରୁ ଜଣେ ତିନି ବର୍ଷର ଶିଶୁ ଏହି ବିଷାକ୍ତ ଛତୁଖାଇ ଗୁରୁତର ହୋଇଥିବା ଦେଖିବାକୁ ମିଳିଛି । ଚିକିତ୍ସା ପରେ ବର୍ତ୍ତମାନ ସମସ୍ତେ ସୁସ୍ଥ ହୋଇ ନିଜ ଘରକୁ ଫେରିଛନ୍ତି ।

## ବନ୍ଦର ବରିଷ୍ଠ କଲ୍ୟାଣ ଅଧିକାରୀ ନୀରୋଜ ପଟ୍ଟନାୟକଙ୍କ ଅବସର ଗ୍ରହଣ

**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପ ବନ୍ଦରରେ କାର୍ଯ୍ୟରତ ବରିଷ୍ଠ କଲ୍ୟାଣ ଅଧିକାରୀ ନୀରୋଜ କୁମାର ପଟ୍ଟନାୟକ ମେ ମାସ ୩୧ ତାରିଖ ଦିନ ବନ୍ଦର ସେବାରୁ ଅବସର ଗ୍ରହଣ କରିଛନ୍ତି । ୧୯୬୫ ମସିହାରେ ଜନ୍ମିତ ଶ୍ରୀ ପଟ୍ଟନାୟକ ପାରାଦୀପରୁ ସ୍କୁଲ ଓ କଲେଜ ଶିକ୍ଷା ସମାପ୍ତ କରିବା ପାରାଦୀପ ବନ୍ଦରରେ କନିଷ୍ଠ ହିନ୍ଦୀ ଅନୁବାଦକ ଭାବେ ଯୋଗ ଦେଇଥିଲେ । ଏହା ପରେ ପଦୋନ୍ନତି ପାଇ ହିନ୍ଦୀ ଅଧିକାରୀ ହୋଇଥିଲେ । ପାରାଦୀପ ବନ୍ଦରରେ ରାଜଭାଷା ହିନ୍ଦୀର ପ୍ରଚାର ଓ ପ୍ରସାର ପାଇଁ ତାଙ୍କର ଉଦ୍ୟମ ପ୍ରଶଂସନୀୟ । ଏଥି ନିମନ୍ତେ ବିଭିନ୍ନ ମଂଚରେ ରାଜଭାଷା ପ୍ରଚାର କ୍ଷେତ୍ରରେ ତାଙ୍କ ଅବଦାନ ନିମନ୍ତେ ସମ୍ମାନୀତ ହୋଇଛନ୍ତି । ୨୦୧୯ ମସିହାରେ ବରିଷ୍ଠ କଲ୍ୟାଣ ଅଧିକାରୀ ଭାବେ ସେ ପଦୋନ୍ନତି ପାଇ ଅବସର ଗ୍ରହଣ କରିଛନ୍ତି । ପାରାଦୀପର କ୍ରୀଡା, ସାହିତ୍ୟ, କଳା କ୍ଷେତ୍ରରେ ତାଙ୍କର ଯୋଗଦାନ ରହିଥିଲା । ଜଣେ ଜଣାଶୁଣା ଫୁଟବଲ୍ ଖେଳାଳୀ ଭାବେ ଫୁଟବଲ୍‌ରେ ସବୁ ବର୍ଗର ଲୋକଙ୍କୁ ସାମିଲ କରି ପାରିଥିଲେ । ତାଙ୍କ ଅବସର ଗ୍ରହଣ ଅବସରରେ ପୋର୍ଟ ଅଫିସର୍ସ ଆସୋସିଏସନ୍ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ବନ୍ଦରର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ତାଙ୍କର ଦୀର୍ଘ ଓ ନୀରାମୟ ଜୀନବ କାମନା କରିଥିଲେ । ପାରାଦୀପ ବନ୍ଦର ତଥା ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କଠାରୁ ସେ ପାଇଥିବା ସ୍ନେହ ଓ ଆଦରକୁ ପାଥେୟ କରି ଅବସରକାଳୀନ ଜୀବନ ଅତିବାହିତ କରିବେ ବୋଲି କହିଥିଲେ ।

## ନକଲି ପାଣି ବୋତଲ ପ୍ରାବଲ୍ୟ, ଚେକିଂ ନାହିଁ କି ଚଢାଉ ନାହିଁ

ପୁରୀ,(ହି.ସ): ଜୁନ ୨୭ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଶ୍ରୀଗୁଣ୍ଡିଚା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ପ୍ରାୟ ୪୦ଲକ୍ଷ ଭକ୍ତ ପୁରୀକୁ ଆସିବା ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଚୋରା ବେପାରୀ ମାନେ ସକ୍ରିୟ ହୋଇଉଠିଛନ୍ତି । ପାଣି ବୋତଲ, ଥଣ୍ଡା ପାନୀୟ ମାଜା, ଲିଚି ଆଦି ପାନୀୟ ବୋତଲରେ ଆଇଏସଆଇ ବ୍ରାଣ୍ଡ ନଥିବା ଦେଖିବାକୁ ମିଳୁଛି । ପାଣିର ବୈଧତା, ଶୁଦ୍ଧତା ଓ ଗୁଣବତା ରହୁ ନଥିବା ଅଭିଯୋଗ ହେଉଛି । ନକଲି ପାଣି ବୋତଲରୁ ପାଣି ପିଇ ଝାଡା ବାନ୍ତିରେ ଲୋକେ ପଡୁଥିବା ଅଭିଯୋଗ ହେଉଛି । ଘରପାଣି, ମାଠିଆ ପାଣି, ସୁରେଇ ପାଣି ଓ ଫ୍ଲିଟର ପାଣି ଲୋକମାନେ ବ୍ୟବହାର କରୁନଥିବା ବେଳେ ବଜାରରୁ ଦଶ ଟଙ୍କିଆ ପାଣି ପିଇ ବିଭିନ୍ନ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି । ବଜାରରୁ ବୋତଲ ପାଣି ପିଇବା ସୌକ ହୋଇଗଲାଣି । ଟ୍ୟୁବେଲ ପାଣି, ବୋତଲ ଓ ପ୍ୟାକିଂରେ ଦୁଇ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ବଜାରରେ ୨୦ ଟଙ୍କାରେ ଲିଟରକିଆ ପାଣି ମିଳୁଛି । ପଇଡ ଗୋଟାକୁ ୩୦ ଓ ୪୦ ଟଙ୍କା ପଡୁଥିବାବେଳେ ଲୋକେ ୧୦ ଟଙ୍କାରେ ଲିଚି ପିଉଛନ୍ତି । ରାସାୟନିକ ଫ୍ଲେଭର ଦେଇ ଥଣ୍ଡା ପାନୀୟ ବହୁଳ ମାତ୍ରାରେ ବିକ୍ରି ଚାଲିଛି । ପାଣି ବୋତଲରେ ନିର୍ମାଣ ତାରିଖ ଓ ଅବଧି ଶେଷ ତାରିଖ ଲେଖା ଯାଉନାହିଁ । ଅସାଧୁ ପାଣି ବ୍ୟବସାୟୀଙ୍କ ପାଇଁ କଚେ ପୁଅ ବାର ହୋଇଥିବା ବେଳେ ଅସଲି ପାଣି କମ୍ପାନୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ପୁରୀ ସହର ଓ ସହରତଳି ଅଂଚଳରେ ନକଲି ପାଣି ଫ୍ୟାକ୍ଟ୍ରି କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଉନାହିଁ । ନାମୀଦାମୀ କମ୍ପାନୀର ଷ୍ଟିକର ବ୍ୟବହାର କରି ଅସାଧୁ ବ୍ୟବସାୟୀ ମାନେ ମୁନାଫା ଉଠାଉଛନ୍ତି । ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନଙ୍କ ପ୍ରାଧିକରଣ (ଏଫଏସଏଆଇ) ବୋତଲେ ଲେଖା ଯାଉନାହିଁ । ପ୍ଲାଷ୍ଟିକ ବୋତଲରେ ପାଣି ପ୍ୟାକିଂ କରି ରଖିଲେ ସେଥିରୁ ମିନେରାଲ ଗୁଣ ନଷ୍ଟ ହୋଇଯାଇଥାଏ ବୋଲି ବିଶେଷଜ୍ଞ ମାନେ ମତ ଦେଇଛନ୍ତି । ପ୍ଲାଷ୍ଟିକ ବୋତଲରୁ ପାଣି ପିଇଲେ ମାଇକ୍ରୋ ପ୍ଲାଷ୍ଟିକ ଗୁଣ୍ଡ ପାଣି ପିଇବା ସମୟରେ ପେଟକୁ ଯାଇଥାଏ । ଏହି ପାଣି ବାରମ୍ବାର ପିଇଲେ କ୍ୟାନସର ସମେତ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଇଥାଏ । ଫୁଡ ସେଫ୍ଟି ଅଫିସର ପାଣି ବୋତଲକୁ ଚେକିଂ କରୁନଥିବା ଅଭିଯୋଗ ହେଉଛି । ରଥଯାତ୍ରା ସମୟରେ ବିଭିନ୍ନ ଅନୁଷ୍ଠାନ ପାଣି ବାଂଟିବା ନାମରେ ବଡଦାଣ୍ଡରେ ପ୍ରବେଶ କରି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ହାତ ବୁଡାଇ ପ୍ଲାଷ୍ଟିକ ଗିଲାସରେ ପାଣି ବାଣ୍ଟିବା ଯୋଗୁ ଏହା ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରୁଛି । କେତେକ କମ୍ପାନୀ ପାଣି ବୋତଲର ଅବଧି ତାରିଖ ଶେଷ ହେବା ପରେ ଲକ୍ଷ ଲକ୍ଷ ସଂଖ୍ୟାରେ ପାଣି ବୋତଲ ମାଗଣାରେ ବଂଟନ କରୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ନକଲି କମ୍ପାନୀର ବିଭିନ୍ନ କଲର ବୋତଲ ଓ ଷ୍ଟିକର ଲଗାଇ ରଥଯାତ୍ରାରେ ବାଂଟୁଥିବା ପରିଲକ୍ଷିତ ହେଉଛି । ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ଟିମ ବିଭିନ୍ନ ପାଣି ଫ୍ୟାକ୍ଟ୍ରି ଓ ବଡଦାଣ୍ଡ ସମେତ ସମୁଦ୍ରକୂଳ ଅଂଚଳରେ ଚେକିଂ ଚଢାଉ କରି ଫାଇନ ପକାଇବା ପାଇଁ ବୁଦ୍ଧଜୀବୀ ମାନେ ମତପ୍ରକାଶ କରିଛନ୍ତି ।

## ପୋଖରୀରେ ବୁଡି ବୃଦ୍ଧ ମୃତ

ଭୁବନ, (ହି.ସ): ଭୁବନ ଏନ୍ ଏ ସି ଅନ୍ତର୍ଗତ ୧ ନମ୍ବର ଓ୍ୱାର୍ଡ ସ୍ଥିତ ବେଣା ଗାଡିଆ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସ୍ଥାନୀୟ ପାଲା ମଣ୍ଡପ ଓ୍ୱାର୍ଡ ନମ୍ବର ୪ ସାହୁଘର ପାଟଣା ନିବାସୀ ଡମ୍ବରୁଧର ସାହୁ (୭୨) ଶନିବାର ରାତ୍ର ୧୧ଟା ସମୟରେ ଖିଆପିଆ ସାରି ବାହାରକୁ ବୁଲିବାକୁ ଯାଇଥିଲେ । ଆଜି ରବିବାର ସକାଳେ ଅଜଣା ବ୍ୟକ୍ତିଙ୍କ ମରଶରୀର ବେଣା ଗାଡିଆ ପୋଖରୀରେ ଭାସୁଥିବା ଖବର ପାଇ ପରିବାର ବର୍ଗ ଆସି ଶବ ଚିହ୍ନଟ କରିଥିଲେ । ଦମକଳ ବାହିନୀ ଶବ ଉଦ୍ଧାର କରିଥିଲା । ମୃତକଙ୍କ ପୁତ୍ର ମଳୟ ସାହୁ (୪୦)ଙ୍କ ଅଭିଯୋଗ କ୍ରମେ ଭୁବନ ପୋଲିସ ଶବ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ପାରାଦୀପ ବନ୍ଦରରେ ଆମଦାନୀ କୋଇଲା ଓ ଚୂନପଥର ଉପରେ ନଜର ରଖିବା ପାଇଁ ସିସିଟିଭି ବ୍ୟବସ୍ଥା



**ପାରାଦୀପ,(ଡିକେ ନ୍ୟୁଜ୍):** ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ୍ (ସେଲ)ର ବ୍ରାଞ୍ଚ ଟ୍ରାନ୍ସପୋର୍ଟ ଆଣ୍ଡ ସିପିଙ୍ଗ ଅଫିସର ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଆମଦାନୀ କୋଇଲା ଗଛିତ ପାଇଁ ପ୍ଲଟ ଏସ-୯, ଏସ-୧୧ ଏବଂ ଚୂନପଥର ପାଇଁ ଏସ-୬ ପ୍ଲଟରେ ଆମଦାନୀ ପଣ୍ୟ ଆନ୍ତଃ ପରିବହନ, ମାଲ ଖଲାସ, ପଣ୍ୟ ଗଛିତ ଓ ଓ୍ୱାଗନ ବୋଝେଇ କାର୍ଯ୍ୟକଳାପ ତଦାରଖ ଲାଗି ସେଠାରେ ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି । ଏହି କ୍ୟାମେରା ଲଗାଯିବା ଦ୍ୱାରା ପ୍ଲଟ ପରିଋଳନା, ପଣ୍ୟ ମିଶ୍ରଣ ଦୂରୀକରଣ, ସେଲର ନିଜ ଷ୍ଟିଲ ପ୍ଲାଣ୍ଟକୁ ରେକ ଦ୍ୱାରା ଉତ୍ତମ ପଣ୍ୟ ଯୋଗାଣରେ ସୁବିଧା ହେବ । ଏହି ନୂତନ ସିସିଟିଭି ଓ ଏହାର ନିୟନ୍ତ୍ରଣ କକ୍ଷକୁ ସେଲର ଇଡି (ଏଲ ଆଣ୍ଡ ଆଇ) ସୁଭାଷ କୁମାର ଦାସ ଶନିବାର ଦିନ ସେଲ ଅଫିସର ପାରାଦୀପ ଶାଖା କାର୍ଯ୍ୟାଳୟ ରେ ଉଦଘାଟନ କରିଥିଲେ ।

## ପିଆଇସିଟି ବର୍ଥରେ ଅଘଟଣ: ଲୁହା ପ୍ଲେଟ୍ ବୋଝେଇ ବେଳେ ଛିଡିଲା କ୍ରେନ୍ ତାର



**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପ ବନ୍ଦର ପିଆଇସିଟି ବର୍ଥରେ ଶନିବାର ଦିନ ଏକ ଜାହାଜରେ ଲୁହା ପ୍ଲେଟ୍ ବୋଝେଇ ହେଉଥିବା ବେଳେ କ୍ରେନ୍ ତାର ଛିଡି ଯିବା ଭଳି ଘଟଣା ଘଟିଛି । ସୌଭାଗ୍ୟବଶତଃ ସେଠାରେ ଉପସ୍ଥିତ ଶ୍ରମିକମାନେ କେହି କ୍ଷତିଗ୍ରସ୍ତ ହୋଇନଥିବା ଜଣାପଡିଛି। ଘଟଣାରୁ ପ୍ରକାଶଯେ, ଶନିବାର ଦିନ ପାରାଦୀପ ବନ୍ଦରରେ ଥିବା ଘରୋଇ କମ୍ପାନୀ ଜେ.ଏମ୍. ବକ୍ସି ଦ୍ୱାରା ପରିଚାଳିତ ପିଆଇସିଟି ବର୍ଥରେ ଫୁଏଟ୍ ସେଜଗିନ୍ ନାମକ ଏକ ଜାହାଜରେ ଲୁହା ପ୍ଲେଟ୍ ବୋଝେଇ ହେଉଥିଲା । ଏହି ସମୟରେ କୌଣସି କାରଣରୁ ଲୁହା ପ୍ଲେଟ୍ ବୋଝେଇ କରୁଥିବା କ୍ରେନ୍‌ର ତାର ଛିଣ୍ଡି ପଡିଥିଲା । ଲୁହା ପ୍ଲେଟ୍ ଯଦି ଜାହାଜ ଉପରେ ପଡିଥାନ୍ତା ତେବେ ଜାହାଜର ପ୍ରଭୂତ କ୍ଷତି ହୋଇଥାନ୍ତା । ଏହି କାମରେ ୨୫ରୁ ଉର୍ଦ୍ଧ ଶ୍ରମିକ ନିୟୋଜିତ ହୋଇଥିଲେ ସୌଭାଗ୍ୟବଶତଃ ଏହି ଲୁହା ପ୍ଲେଟ୍ ଶ୍ରମିକମାନଙ୍କ ଉପରେ ମଧ୍ୟ ପଡିନଥିଲା। ଯଦି ଏହା ହୋଇଥାନ୍ତା ଶ୍ରମିକମାନେ ବହୁ ଭାବରେ ଅଘଟଣର ଶୀକାର ହୋଇଥାନ୍ତେ । ଏହି ଘଟଣାକୁ ନେଇ ଶ୍ରମିକମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କମ୍ପାନୀ କର୍ତ୍ତୃପକ୍ଷ ଲାଭଖୋର ମନୋବୃତି ନେଇ କାମ କରୁଛନ୍ତି । ନିୟମିତ ଭାବେ କ୍ରେନ୍ ଗୁଡିକର ମରାମତି ଓ ରକ୍ଷନାବେକ୍ଷଣ କରିବା କଥା ତାହା ନକରି ଶ୍ରମିକମାନଙ୍କ ଜୀବନକୁ ବାଜି ଲଗେଇ କମ୍ପାନୀ କର୍ତ୍ତୃପକ୍ଷ ଆୟ କରୁଥିବା ନେଇ କିଛି ଶ୍ରମିକ କହିଛନ୍ତି। ବିଭିନ୍ନ ସମୟରେ ବାରମ୍ବାର ଏହି ବର୍ଥରେ ଅଘଟଣ ଘଟୁଥିଲେ ବି କୌଣସି ପ୍ରତିକାର ବା ପଦକ୍ଷେପ ନନେବା ଦୁଃଖ ଓ ପରିତାପର ବିଷୟ।

## ଜାତୀୟ ରାଜପଥରେ ଏଏସଆଇଙ୍କ ସନ୍ଦେହଜନକ ଅର୍ଦ୍ଧ ଦଗ୍ଧ ମୃତଦେହ

**ଭବାନୀପାଟଣା,(ଡିକେ ନ୍ୟୁଜ୍):** କଳାହାଣ୍ଡି ଜିଲ୍ଲା ବନମାଳୀପୁର ଜାତୀୟ ରାଜପଥରେ ରବିବାର ସକାଳୁ ବାଇକ ସହ ଜନୈକ ବ୍ୟକ୍ତିଙ୍କ ଅର୍ଦ୍ଧ ଦଗ୍ଧ ମୃତଦେହ ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତ ପରେ ମୃତ ବ୍ୟକ୍ତି ଜଣକ ପବିତ୍ର ଗୋଲାପୀ ଏବଂ ତାଙ୍କ ଘର ନବରଙ୍ଗପୁର ଜିଲ୍ଲାରେ ବୋଲି ଜଣାପଡିଥିଲା। ସେ କଳାହାଣ୍ଡି ଜିଲ୍ଲା କେଗାଁ ରେ ଏଏସଆଇ ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ପୂର୍ବରୁ ନିଲମ୍ବିତ ହୋଇ ଭବାନୀପାଟଣା ରିଜର୍ଭ ପୋଲିସରେ କାର୍ଯ୍ୟ କରୁଥିଲେ। ପୁଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ ଗୋଲାପୀ ଶନିବାର ରାତ୍ରୀରେ ଭବାନୀପାଟଣାରୁ ନବରଙ୍ଗପୁର ସାନଦୁବଲୀ ଗାଁକୁ ବାଇକରେ ଯାଉଥିଲେ। ସେହି ସମୟରେ ବନମାଳୀପୁର ଠାରେ ଜାତୀୟ ରାଜପଥ ୨୬ ରେ ଠିଆ ହୋଇଥିବା ଏକ ଟ୍ରକସହତାଙ୍କର ଧକ୍କା ହୋଇଥିଲା। ଜୋରରେ ଧକ୍କା ହୋଇଥିବାରୁ ତାଙ୍କ ବାଇକରେ ନିଆଁ ଲାଗିଥିଲା ଏବଂ ବାଇକ ସହ ଏଏସଆଇ ମଧ୍ୟ ଜଳି ଯାଇଥିଲେ ଏବଂ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସ୍ଥଳରେ ଧର୍ମଗଡ଼ ଏସଡିପିଓ ଏବଂ କଳାହାଣ୍ଡି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜୁନାଗଡ଼ ଥାନା ଅଧିକାରୀ ପହଞ୍ଚି ଅଧିକ ତଦନ୍ତ କରୁଛନ୍ତି। ଘଟଣା ସ୍ଥଳରୁ ଉକ୍ତ ଟ୍ରକ ଫେରାର ହୋଇ ଯାଇଥିବାରୁ ପ୍ରଥମେ ପାରିପାର୍ଶ୍ୱିକ ଅବସ୍ଥାରୁ କେହି ହତ୍ୟାକରୀ ବାଇକ ସହ ଜଳେଇଦେଇ ଦୁଇଘାଟଣାର ରୂପ ଦେଇଥିବା ଚର୍ଚ୍ଚା ହେଉଥିଲା। ଖବର ଲେଖା ହେବା ଯାଏ ମୃତକଙ୍କ ପରିବାର ଲୋକେ ଘଟଣା ସ୍ଥଳକୁ ଆସି ନାହାନ୍ତି।

## ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ



**ସମ୍ବଲପୁର,(ଡିକେ ନ୍ୟୁଜ୍):** ସମ୍ବଲପୁରର ଅଗ୍ରଣୀ ଚିତ୍ରକଳା ଅନୁଷ୍ଠାନକୁ ସମ୍ବଲପୁର କଳା ଏକାଡେମୀ ପକ୍ଷରୁ ସ୍ଥାନୀୟ ଶ୍ରୀ ଅରବିନ୍ଦ ସ୍କୁଲ ଠାରେ ବିଦ୍ୟାଳୟର ମହାବିଦ୍ୟାଳୟ ସ୍ତରୀୟ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟରୁ ୨୦୦ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥଲେ। ପ୍ରତିଯୋଗିତାକୁ ଅନୁଷ୍ଠାନର ଅଧକ୍ଷ ସଞ୍ଜୟ ସାହୁ, ପ୍ରଶାନ୍ତ ମାଝୀ, ପବିତ୍ର ବେରିହା,ସୁବ୍ରତ ବେହେରା, ସୁମନ୍ ପାଲ୍, ନମ୍ରତା ନାୟକ, ଆକୃତି ଦାଶ ପରିଚାଳନା କରିଥିବା ବେଳେ ଗୌରିଦାସ ପଣ୍ଡା, କୁଲଦୀପ ବର୍ମା, ଆୟୁଷ୍ମାନ ଦାସ, ରାଜେଶ ବଡ଼ାଇ, ଶୁଭମ୍ ନାୟକ, ଆଶିଷ ମେହେର, ଇତିଶା ମହାପାତ୍ର, ରୋଶନି ପଣ୍ଡିତ, ଶିଳ୍ପିରାମ, ଶ୍ରଦ୍ଧା ସୁମନ ସାହୁ, ଖୁସି ସାହା ପ୍ରମୁଖ ସହାୟତା କରିଥିଲେ।

## ସମ୍ବଲପୁରରେ ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ସହ ବିଭିନ୍ନ ପ୍ରକଳ୍ପର କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ

### ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ ଏବଂ ଲୋକଗୀତର ମହାସଙ୍ଗମ ହେଉଛି 'ଶୀତଳଷଷ୍ଠୀ': ଧର୍ମେନ୍ଦ୍ର ପ୍ରଧାନ



**ସମ୍ବଲପୁର, (ଡିକେ.ନ୍ୟୁଜ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରରେ ବିଭିନ୍ନ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରାରେ ସାମିଲ ସହ ସମ୍ବଲପୁରକୁ ସୁନ୍ଦର ତଥା ଆଧୁନିକ ଦିଶିବା ପାଇଁ ଅନେକ ସୌନ୍ଦର୍ଯ୍ୟକରଣ ଓ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଆଜି 'ଶୀତଳ ଷଷ୍ଠୀ'ର ପବିତ୍ର ଅବସରରେ ସମ୍ବଲପୁର ଘଣ୍ଟାଘର ନିକଟରେ ହେରିଟେଜ୍ ଲାଇଟ୍ ସହ ଗୋଲବଜାର ଛକ ଓ ଶକ୍ତି ଛକର ସୌନ୍ଦର୍ଯ୍ୟକରଣ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି। ସେହିପରି ସମ୍ବଲପୁରରେ ଲକ୍ଷ୍ମୀ ଟକିଜ ଛକର ସୌନ୍ଦର୍ଯ୍ୟକରଣ, ଲକ୍ଷ୍ମୀ ଟକିଜ୍ ଛକ ଫ୍ଲାଏଓଭରରେ ଡିଏମଏକ୍ସ ଆଲୋକୀକରଣର ସୁବିଧା, ବଡ଼ବଜାର ଠାରେ ଗୌରୀଶଙ୍କର ସାହାଣୀ ଉଦ୍ୟାନରେ ଜିମ୍ ଏବଂ ପାର୍କର ନବୀକରଣ କାର୍ଯ୍ୟ ଆଦିର ଶୁଭାରମ୍ଭ କରିଥିଲେ। ଜମନକିରା ସ୍ଥିତ ମୁକ୍ତେଶ୍ୱର ମନ୍ଦିରରେ ଏକ ନୂତନ କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ 'ଶୀତଳଷଷ୍ଠୀ' ହେଉଛି ଲୋକକଳା, ଲୋକବାଦ୍ୟ, ଲୋକନୃତ୍ୟ ଏବଂ ଲୋକଗୀତର ମହାସଙ୍ଗମ। ଆଜିର ଶୁଭ ଅବସରରେ ସମ୍ବଲପୁର ସହରକୁ ସୁନ୍ଦର ଓ ଆଧୁନିକ କରିବା ଦିଗରେ ଅନେକ ପଦକ୍ଷେପର ଶୁଭାରମ୍ଭ ହୋଇଛି। ଏହି ସବୁ ସୁବିଧା କଳା ଓ ସଂସ୍କୃତିର ସହର ସମ୍ବଲପୁରକୁ ଅଧିକ ସୁନ୍ଦର କରିବା ସହ ସାଧାରଣ ଜନତାଙ୍କ ଯାତାୟତ, ଗମନାଗମନ ଓ ଜୀବନଶୈଳୀକୁ ସୁଗମ କରିବ। ସେହିପରି ମୁକ୍ତେଶ୍ୱର ମନ୍ଦିରରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୫୩ ଲକ୍ଷ ୫୫ ହଜାର ଟଙ୍କା ବିନିମୟରେ ନିର୍ମିତ ଏହି କଲ୍ୟାଣ ମଣ୍ଡପ ଅଞ୍ଚଳର ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ବେଶ୍ ସହାୟକ ହେବ ବୋଲି କହିଥିଲେ। ମାଆ ସମଲେଶ୍ୱରୀଙ୍କ ଆଶୀର୍ବାଦରେ ସମ୍ବଲପୁରର ଗାରିମାକୁ ବୃଦ୍ଧି କରିବାରେ ଆମ ସମସ୍ତଙ୍କ ସହଯୋଗ ରହିବା ଦରକବାର ବୋଲି କେନ୍ଦ୍ରମନ୍ତ୍ରୀ ମତପ୍ରକାଶ କରିଥିଲେ। ଶ୍ରୀ ପ୍ରଧାନ କୁଚିଣ୍ଡା ସବଡିଭିଜନ ଜମନକିରା ବ୍ଲକ ସ୍ଥିତ ଶ୍ରୀ ଶଗଡ଼େଶ୍ୱର ମନ୍ଦିରରେ ଦର୍ଶନ କରିବା ସହ ଶୀତଳ ଷଷ୍ଠୀ ଯାତ୍ରା ଏବଂ ଶଗଡ଼େଶ୍ୱର ମହୋତ୍ସବରେ ସାମିଲ ହୋଇଥିଲେ କେନ୍ଦ୍ରମନ୍ତ୍ରୀ। ଏହାବ୍ୟତୀତ ସିନ୍ଦୁରପଙ୍କ ତାରକେଶ୍ୱରାୟ ମନ୍ଦିର ସମେତ ଶ୍ରୀ ପ୍ରଧାନ ମାନେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର ବାବା ମନ୍ଦିର, ଗୁଡ଼େଶ୍ୱର ବାବା ଆଦି ଅନେକ ମନ୍ଦିରରେ ମଧ୍ୟ ଶୀତଳଷଷ୍ଠୀ ଯାତ୍ରାରେ ସାମିଲ ହୋଇଥିଲେ।

## ନୂତନ ଶିଶୁରୋଗ ୟୁନିଟ୍ ନିଓ ସ୍ପାର୍କ ଶିଶୁରୋଗ କେୟାରର ଉଦ୍‌ଘାଟିତ

**ବରଗଡ଼ ,(ଡିକେ ନ୍ୟୁଜ୍):** ଡକ୍ଟର ଆଶିଷ ସତପଥୀ (ପ୍ରସିଦ୍ଧ ନିଓନାଟୋଲୋଜି ଏବଂ ଶିଶୁରୋଗ)ଙ୍କ ଦ୍ୱାରା ଏକ ନୂତନ ଶିଶୁରୋଗ ୟୁନିଟ୍ ନିଓ ସ୍ପାର୍କ ଶିଶୁରୋଗ କେୟାରର ମହାନ ଉଦଘାଟନରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ ଦେଇଥିଲେ ବିକାଶ ଗ୍ରୁପ୍‌ର ମ୍ୟାନେଜମେଣ୍ଟର ଚେୟାରମେନ ଡି ମୁରଲୀ କ୍ରୀଷ୍ଣା। ସମ୍ମାନିତ ଅତିଥି ଭାବରେ ଯୋଗଦାନ ଦେଇଥିଲେ ଅମୂଲ୍ୟା ଶତପଥୀ, ଓ ବିଭିନ୍ନ ବର୍ଗରୁ ଡାକ୍ତରମାନେ ଉପସ୍ଥିତ ଥିଲେ। ସର୍ବକନିଷ୍ଠ ବରଗଡ଼ ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସୁବିଧାର ଶୁଭାରମ୍ଭ ଦେଖିବା ଏକ ଆନନ୍ଦଦାୟକ କଥା। ଏହି ଆଧୁନିକ ଶିଶୁରୋଗ ୟୁନିଟ୍ ପ୍ରତ୍ୟେକ ଶିଶୁକୁ ସେମାନଙ୍କ ଯୋଗ୍ୟ ଅନୁକମ୍ପାପୂର୍ଣ୍ଣ ଏବଂ ଗୁଣାତ୍ମକ ପାଇବା ନିଶ୍ଚିତ କରିବାରେ ଆମର ସ୍ୱାସ୍ଥ୍ୟସେବା ବୃତ୍ତିଗତ ଏବଂ ସମ୍ପ୍ରଦାୟ ନେତାଙ୍କ ପ୍ରତିବଦ୍ଧତାର ପ୍ରମାଣ ସ୍ୱରୂପ ଠିଆ ହୋଇଛି। ଏହି କେନ୍ଦ୍ର ଅଗଣିତ ପରିବାର ପାଇଁ ଆଶା ଏବଂ ଆରୋଗର ଆଲୋକବର୍ତ୍ତିକା ହୋଇ ରହୁ ବୋଲି ମୁଖ୍ୟ ଅତିଥି ନିଜର ବକ୍ତବ୍ୟ ରଖିଲେ।



## ଶ୍ରୀ ଶ୍ରୀ ପାରେଶ୍ୱର ମହାଦେବଙ୍କ ଶୀତଳ ଷଷ୍ଠୀ



**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦୀପର ସାରଳା ମନ୍ଦିର ପ୍ରାଙ୍ଗଣରେ ଥିବା ଶ୍ରୀ ଶ୍ରୀ ପାରେଶ୍ୱର ମହାଦେବଙ୍କ ଶୀତଳ ଷଷ୍ଠୀ ଓ ମହାଦେବ ଓ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଶୀତଳଷଷ୍ଠୀ ଉପଲକ୍ଷେ ପାରାଦୀପ ସାରଳା ମନ୍ଦିର ପ୍ରାଙ୍ଗଣରେ ଥିବା ଶ୍ରୀଶ୍ରୀ ପାରେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ବଡ ଧୁମଧାମରେ ପାଳିତ ହୋଇଯାଇଛି। ପାରେଶ୍ୱର ମହାଦେବଙ୍କୁ ଏକ ସୁସଜ୍ଜିତ ବିମାନରେ ବସାଯାଇ ଶତାଧିକ ଭକ୍ତ ବରଯାତ୍ରୀଙ୍କ ଗହଣରେ ବାଜା,ବାଣ, ରୋଷଣୀ ସହ ଘଣ୍ଟନୃତ୍ୟ ରେ ପାରାଦୀପ ସହର ପରିକ୍ରମା କରାଯାଇ ପାରାଦୀପ ନୂଆବଜାର ସ୍ଥିତ ମହା କାଳେଶ୍ୱର ମନ୍ଦିର ଠାରେ ପହଞ୍ଚି ଥିଲା। ପରେ ସେଠାରୁ ପୁନର୍ବାର ଭକ୍ତ ବରଯାତ୍ରୀଙ୍କ ଗହଣରେ ସାରଳା ମନ୍ଦିର ପ୍ରାଙ୍ଗଣରେ ବିବାହ ମଣ୍ଡପକୁ ଅଣା ଯାଇଥିଲା। ସେଠାରେ କନ୍ୟା ପକ୍ଷରୁ ଏକ ଆଧାତ୍ମିକ ପରିବେଶରେ ମହାଦେବଙ୍କୁ ବରଣୀ କରାଯାଇ ବର ପିତାମାତା ଓ କନ୍ୟା ପିତା ମାତାଙ୍କ ଦ୍ୱାରା ଦେବଦମ୍ପତିଙ୍କ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ରେ ଶତାଧିକ ଭକ୍ତ ବରଯାତ୍ରୀ ଯୋଗଦେଇ ନବଦମ୍ପତିଙ୍କ ଆଶିଷ ଲାଭ କରିଥିଲେ। ପ୍ରତିବର୍ଷ ପରି ଶୀତଳଷଷ୍ଠୀ ବା ବିବାହ ଉତ୍ସବ ଶ୍ରୀ ଶ୍ରୀ ପାରେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ମହା ଆଡମ୍ବରରେ ହୋଇ ଆସୁଥିବା ବେଳେ ଦୀର୍ଘ ୨୦ବର୍ଷ ଧରି ମନ୍ଦିର ଆୟୋଜକଙ୍କ ପକ୍ଷରୁ ଶାନ୍ତି ଶୃଙ୍ଖଳା ଭାବେ ବିବାହ ଉତ୍ସବକୁ ସମାପନ କରାଯାଇଛି।

## ୧୫ ବର୍ଷ ବୟସରେ ଇଂରାଜୀ ଉପନ୍ୟାସ ଲେଖି ଚର୍ଚ୍ଚାରେ ଛାତ୍ରୀ; ବହି ଉନ୍ମୋଚନ କଲେ ଜିଲ୍ଲାପାଳ



**କୋରାପୁଟ,(ଡିକେ ନ୍ୟୁଜ୍):** ମାତ୍ର ୧୫ ବର୍ଷ ବୟସରେ ଇଂରାଜୀ ଉପନ୍ୟାସ ଲେଖି ଚର୍ଚ୍ଚାର ଶିରୋନାମା ପାଲଟିଛନ୍ତି ସେମିଳିଗୁଡା ସହର କୈଳାଶ ନଗର ପ୍ରଥମ ଲାଇନ୍ ବାସିନ୍ଦା ଶିକ୍ଷକ ଦମ୍ପତି ଶାନ୍ତିଲତା ମଲ୍ଲିକ ଓ ଶାନ୍ତନୁ ମଲ୍ଲିକଙ୍କ ଝିଅ ବିଶ୍ୱଜିତା ମଲ୍ଲିକ। ବିଶ୍ୱଜିତାଙ୍କ ପ୍ରଥମ ଉପନ୍ୟାସ 'ଆୱାର ଅନଫିନିସଡ ଚାପ୍ଟର' ନାମକ ଇଂରାଜୀ ଉପନ୍ୟାସକୁ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ଶୁକ୍ରବାର ଅପରାହ୍ନରେ ଉନ୍ମୋଚନ କରି ଛାତ୍ରୀଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେ ଚତୁର୍ଥ ଶ୍ରେଣୀରେ ପଢ଼ିବା ସମୟରୁ କବିତା ଲେଖିବାକୁ ମନ ବଳାଇଥିଲେ ଓ ଉଦ୍ୟମ ଆରମ୍ଭ କରିଥିଲେ। କିନ୍ତୁ ଏ କଥା ବାପା ମାଙ୍କ ନିକଟରେ କେବେ ପ୍ରକାଶ କରିଥିଲେ, ପରବର୍ତ୍ତୀ ସମୟରେ ସେ କୈଶୋର ବୟସର ପୁଅ ଝିଅଙ୍କ ମାନସିକତା ଓ ଚିନ୍ତାଧାରାକୁ ନେଇ ଉପନ୍ୟାସ ଲେଖିବାକୁ ଯୋଜନା କରି ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ପରେ ବିଶ୍ୱଜିତା ବହିଲେଖା ଆରମ୍ଭ କରି ମାତ୍ର ଦୁଇ ମାସରେ ଲେଖା ଶେଷ କରିଥିବା ତାଙ୍କ ମା ଶାନ୍ତିଲତା ମଲ୍ଲିକ କହିଛନ୍ତି। ଝିଅର ଏପରି ରୁଚି ଦେଖି ସେମାନେ ମଧ୍ୟ ସହଯୋଗ କରୁଥିବା କହିଛନ୍ତି। ଅନ୍ୟ ପକ୍ଷରେ କବିତା ଓ ଉପନ୍ୟାସ ଲେଖିବା ତାଙ୍କର ଛୋଟବେଳୁ ଇଛା ଥିଲା, ଯାହା ଆଜି ସାକାର ହୋଇଛି ବୋଲି ବିଶ୍ୱଜିତା ପ୍ରତିକ୍ରିୟା ଦେଇ ତାଙ୍କ ବହି ଉନ୍ମୋଚନ ପାଇଁ ଜିଲ୍ଲାପାଳ ସମୟ ଦେଇଥିବାରୁ ସେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେମିଳିଗୁଡା ଦେଓମାଳି ପବ୍ଲିକ ସ୍କୁଲରୁ କୃତିର ସହ ଚଳିତ ବର୍ଷ ଦଶମ ଶ୍ରେଣୀରେ ହୋଇଥିବା ବିଶ୍ୱଜିତା ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି, ହେଲେ ସେ ଉପନ୍ୟାସ ଓ କବିତା ଲେଖା ମଧ୍ୟ ଜାରି ରଖିବେ ବୋଲି ପ୍ରତିକ୍ରିୟା ଦେଇ ଆଉ କିଛି ଦିନ ମଧ୍ୟରେ ତାଙ୍କର ଏକ କବିତା ସଙ୍କଳନ ଉନ୍ମୋଚନ କରିବେ ବୋଲି କହିଛନ୍ତି। ଏତେ କମ୍ ବୟସରେ ବିଶ୍ୱଜିତା ଇଂରାଜୀ ଉପନ୍ୟାସ ଲେଖି ଯୁବପିଢ଼ିଙ୍କୁ ଯେଉଁ ବାର୍ତ୍ତା ଦେଇଛନ୍ତି ତାହା ପ୍ରତ୍ୟେକଙ୍କ ପାଇଁ ଏକ ଉଦାହରଣ ହେବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଏବିଭିପି ପକ୍ଷରୁ ଜିଲ୍ଲା ବୈଠକ ଅନୁଷ୍ଠିତ



**ଭଦ୍ରକ, (ଡିକେ ନ୍ୟୁଜ୍):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି), ଭଦ୍ରକ ଜିଲ୍ଲା ପକ୍ଷରୁ ନୂଆବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଦିନର ବିଭିନ୍ନ କାର୍ଯ୍ୟକ୍ରମ ଓ ଅଭିଯାନ ଉପରେ ବିସ୍ତାର ଯୋଜନା କରାଯାଇଛି। ଏହି ମାସ ପାଞ୍ଚରୁ ଆଠ ତାରିଖ ବାରିପଦାରେ ଅନୁଷ୍ଠିତ ପ୍ରାନ୍ତ ଅଭ୍ୟାସ ବର୍ଗ ନିମନ୍ତେ କୋଡ଼ିଏ ଜଣ ଅପେକ୍ଷିତ କାର୍ଯ୍ୟକର୍ତ୍ତା ସାମିଲ ହେବା, ବାର ତାରିଖ ଦିନ ସଂସ୍କୃତି ଭବନ ପରିସରରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଆୟୋଜନ, ବାଇଶି ତାରିଖ ଦିନ ଜିଲ୍ଲା ସ୍ତରୀୟ ରକ୍ତଦାନ ଶିବିର ଜିଲ୍ଲା ରକ୍ତ ଭଣ୍ଡାରରେ ଅନୁଷ୍ଠିତ ହେବ। କଲେଜ୍ ଆଡ଼ମିଶନ ସମୟରେ ହେଲ୍ପ ଡେସ୍କ ପକାଇ ବିଦ୍ୟାର୍ଥୀଙ୍କୁ ସହଯୋଗ କରାଯିବାର ଯୋଜନା କରାଯାଇଛି। ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକ ସ୍ତରରେ କରାଯିବ। ସେହି ପରି ବିଶ୍ ପ୍ରସିଦ୍ଧ ପୁରୀ ରଥ ଯାତ୍ରା ସେବା କାର୍ଯ୍ୟ ପାଇଁ ଜିଲ୍ଲାରୁ ୧୦୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ସାମିଲ ହେବା ପାଇଁ ସ୍ଥିର କରାଯାଇଛି। ଜିଲ୍ଲା ସହ ସଂଯୋଜକ ଆକାଶ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ବିଭାଗ ସହ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ଛାତ୍ରୀ ପ୍ରମୁଖ ମାଧୁରୀ ରାଉତ, ଜନ ସମ୍ପର୍କ ପ୍ରମୁଖ ଅରବିନ୍ଦ ଷଡ଼ଙ୍ଗୀ, ରାଷ୍ଟ୍ରୀୟ କଳା ମଞ୍ଚ ସଂଯୋଜିକା ପ୍ରିୟଙ୍କା ଦାଶ, ପ୍ରାନ୍ତ 'ଲ' ଫୋରମ୍ ସଂଯୋଜକ ବଦ୍ରି ମୋହନ ରାଉତ, ସବିଷ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଭିଳାଷ ତ୍ରିପାଠୀ, ଜିଲ୍ଲା ଏସଏଫଡି ସଂଯୋଜକ ସତ୍ୟ ବ୍ରତ ପଣ୍ଡା, ଜନ ସଂପର୍କ ପ୍ରମୁଖ ଆୟୁଷ ପାଣିଗ୍ରାହୀ, ରାଜଶ୍ରୀ ନାୟକ, ଭଦ୍ରକ ନଗର ସଭାପତି ଡ. ବସନ୍ତ ଦୀକ୍ଷିତ, ଉପ ସଭାପତି ଯୁବ ଆଇନଜୀବୀ ବାପୁନ୍ ମହାପାତ୍ର ଏବଂ ଆଲୋକ ଦାସ, ସମ୍ପାଦକ ଓଁକାର ମହାନ୍ତି, ଧାମନଗର ନଗର ସମ୍ପାଦକ ହିଂମାଂଶୁ ମହାରଣା, ବାସୁଦେବପୁର ନଗର ସହ ସମ୍ପାଦିକା ପୂଜା ରାଣୀ ମଲ୍ଲିକ, ପୂର୍ବତନ ଜିଲ୍ଲା ସଂଯୋଜକ ଦୁର୍ଗା ଶଙ୍କର ଜେନା, ଶୁଭମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାର ୯୧ତମ ସ୍ମୃତି ଦିବସରେ ସ୍ମାରକୀ ପଦଯାତ୍ରା ଓ ଜନସଭା



**ଯାଜପୁର,(ଡିକେ ନ୍ୟୁଜ୍):** ଜାତିର ପିତା ମହାତ୍ମା ଗାନ୍ଧୀ ୧୯୩୪ ମସିହା ମେ ମାସ ୩୦ ତାରିଖରେ ହରିଜନ ପଦଯାତ୍ରା କରି ବରୀ ଅନ୍ୟାସୀପୁରରେ ରାତ୍ର ଜାପାନ କରିଥିଲେ ଏବଂ ପରଦିନ ତା ୩୧ରିଖ ସକାଳୁ ଅରଙ୍ଗାବାଦ, ବାଗଦା, ବରୀ ମାଉଣ୍ଡ, ନୂଆଗାଁ ଆଦି ଅଞ୍ଚଳରେ ପଦଯାତ୍ରା କରି ସାହସପୁରର ଗୋବିନ୍ଦପୁର ଠାରେ ରାତ୍ରିଯାପନ କରିଥିଲେ ଏବଂ ଏହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଆଜି ସକାଳ ୮ଘଟିକା ସମୟରେ ସମାଜସେବୀ ସତ୍ୟରଞ୍ଜନ କରଙ୍କ ନେତୃତ୍ୱରେ ବରୀ ବାଗଦା ବାମନଚନ୍ଦ୍ର ଦାସଙ୍କ ଚୌପାଢ଼ୀ ଠାରୁ ଆରମ୍ଭ କରି ସାହକ୍ଷସପୁ ଗୋବିନ୍ଦିପୁରର ଆମ୍ବ ତୋଟା ପର୍ଯ୍ୟନ୍ତ ଏକ ସ୍ମାରକୀ ପଦଯାତ୍ରା ବରୀ ଅଞ୍ଚଳର ସଂଗ୍ରାମୀ ଯୁବକ ମାନଙ୍କ ଦ୍ୱାରା ଆୟୋଜନ କରିବା ସହ ପଦଯାତ୍ରା କରିଥିଲେ। ବରୀ ଅଞ୍ଚଳର ବରିଷ୍ଠ ସମାଜସେବୀ କୁଳମଣି ଶୁକ୍ଳ ଉକ୍ତ ପଦଯାତ୍ରାକୁ ଉଦଘାଟନ କରିଥିଲେ। ପ୍ରଶାନ୍ତ ବେହୁରିଆ, ସାବିତ୍ରୀ ଦାଶ, ପ୍ରଶାନ୍ତ ପରିହାଡି, ସ୍ନେହଲତା ଧଳ, ଅପୂର୍ବ ସାହୁ, ସୀମାନ୍ତ ପାତ୍ର, ଏସ. କେ. ମନିରଉଦିନ, ଦିଲ୍ଲୀପ ଦେବତା, ତିଳତ୍ତମା ସେଠି, ତାରାକାନ୍ତ ଆଚାର୍ଯ୍ୟ, ତପନ ବେହେରା ଓ ମୋହନ ଜେନା ପ୍ରମୁଖ ସହଯୋଗ କରିଥିଲେ। ବହୁ ସାମାଜିବ ଅନୁଷ୍ଠାନର କର୍ମକର୍ତ୍ତା ମାନେ ବିଭିନ୍ନ ଛକ ବଜାରରେ ପଦଯାତ୍ରାକୁ ସ୍ୱାଗତ କରିଥିବା ବେଳେ ସାହାସପୁର ପଂଚାୟତର ବୁଦ୍ଧିଜୀବୀ, ସମାଜସେବୀ, କୃଷକ ପ୍ରତିନିଧି ଏବଂ ଯୁବଗୋଷ୍ଠୀ ମାନେ ପଦଯାତ୍ରାକୁ ସ୍ୱାଗତ କରିବା ସହ ଏକ ସାଧାରଣ ସଭାର ଆୟୋଜନ କରିଥିଲେ। ସମାଜସେବୀ ନବଘନ ପାଣିଙ୍କ ସଭାପତିତ୍ୱରେ ବରୀର ଯୁବ ସମାଜସେବୀ ସତ୍ୟରଞ୍ଜନ କର ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ ଡାକ୍ତର ରାଜ କିଶୋର ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରଫେସର ସୁଧୀରି ଜେନା, ସମ୍ମାନିତ ଅତିଥି ଭାବେ ରାମଚନ୍ଦ୍ର ଶୁକ୍ଳ, ମିହିର ଦାସ, ରବୀନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରାର ଆଭିମୁଖ୍ୟ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ଉକ୍ତ ସଭାରେ ଗଣେଶ ଚନ୍ଦ୍ର ସାହୁ ସଂଗୀତ ଗାନ କରିଥିବା ବେଳେ ଅଶୋକ ରାଉତ ସ୍ୱାଗତ ଅଭିଭାଷଣ ଦେଇଥିଲେ। ନବ କିଶୋର ରାଉତ ଅତିଥି ପରିଚୟ ଦେଇଥିବା ବେଳେ ପ୍ରଶାନ୍ତ ବେହୁରିଆ ଧନ୍ୟବାଦ ଦେଥିଲେ। ଗାନ୍ଧିଜୀଙ୍କ ବିଚାରରେ ସ୍ୱାଧୀନ ଭାରତର ଏକ ନମ୍ବର ଭଲ କାମ ନିଶା ନିବାରଣ କାର୍ଯ୍ୟଟିକୁ ହାତକୁ ନେବାକୁ ମିଳିତ ଆହ୍ୱାନ କରାଯାଇଥିଲା। ଉପସ୍ଥିତ ବହୁ ଚିନ୍ତାଶୀଳ ନାଗରିକମାନେ ତାଙ୍କର ସହମତି ପ୍ରକାଶ କରିଥିଲେ ଏବଂ କେବଳ ସ୍ମୃତି ଚାରଣ ନକରି ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଅସ୍ପୃଶ୍ୟତା ମୁକ୍ତ, ନିଶା ଓ ହିଂସା ମୁକ୍ତ ସମାଜ ନିର୍ମାଣ ଦିଗରେ ବ୍ରତୀ ହେବାପାଇଁ ମିଳିତ ସଂକଳ୍ପ ଗ୍ରହଣ କରୁଥିଲେ। ଆଗାମୀ ଦିନରେ ଘୋଷିତ ସମସ୍ତ କାର୍ଯ୍ୟକ୍ରମରେ ନିଜ ନିଜର ସାମର୍ଥ୍ୟ ଅନୁଯାୟୀ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବାକୁ ଉପସ୍ଥିତ ଜନସାଧାରଣ ପ୍ରତିଶ୍ରୁତି ଦେଇ ଥିଲେ। ସ୍ଥାନୀୟ ଆୟୋଜକ ମାନଙ୍କ ମଧ୍ୟରେ ଅନିଲ କୁମାର ସାହାଣୀ, ଶୈଳେନ୍ଦ୍ର ରାଉତ, ବସନ୍ତ କୁମାର ଜେନା, ଗଣେଶ ଦାସ, ବୈରାଗୀ ଦାସ, ସଦାନନ୍ଦ ସାହୁ, ନାରାୟଣ ବେହେରା, କୁଳମଣି ଦାସ,ଶ୍ୟାମ ସୁନ୍ଦର ଦାସ, ଦୀପ୍ତି କାନ୍ତ ସାହୁ, ରାଜୀବ ସେଠି ଓ ଅଶୋକ ସେନାପତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷରେ ନବଘନ ପାଣି ମହାତ୍ମା ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସାହସପୁର ଠାରେ ସ୍ଥାପନ କରିବାକୁ ପ୍ରତିଶୃତି ଦେଲେ।

## ଜିପିଏମ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ଓ ଷ୍ଟିଭେଡୋର୍ସ ଆସୋସିଏସନ ମଧ୍ୟରେ ଆଲୋଚନା



**ପାରାଦୀପ,(ଡିକେ ନ୍ୟୁଜ୍):** ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିଅନ ଏବଂ ପାରାଦ୍ୱୀପ ଷ୍ଟିଭେଡର୍ସ ଆସୋସିଏସନ ମଧ୍ୟରେ ଜିପିଏମ (ଜେନେରାଲ ପର୍ପୋଜ ମଜଦୁର) ଶ୍ରମିକ ମାନଙ୍କ ସମସ୍ୟାର ସମାଧାନ ପାଇଁ ଶନିବାର ଦିନ ଏକ ୯ଦଫା ଦାବି ସମ୍ବନ୍ଧରେ ଏମ୍ପାୟାର୍ସ ହୋଟେଲର ସମିଳନୀ କକ୍ଷରେ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନା ରେ ସାଂସଦ ତଥା ୟୁନିଅନର ସଭାପତି ଡ଼ଃ.ବିଭୁ ପ୍ରସାଦ ତରାଇ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ୭ଗୋଟି ଦାବି ଯଥା, ଜପଏମ ଶ୍ରମିକମାନଙ୍କୁ ୟୁନିଫୋର୍ମ, ଅବସରକାଳୀନ ଗ୍ରାଚୁଇଟି, କର୍ମକ୍ଷେତ୍ରରେ ଦୁର୍ଘଟଣା ଜନିତ ମୃତ୍ୟୁବରଣ କଲେ ଆସୋସିଏସନ ତରଫରୁ ୫ଲକ୍ଷ୍ୟ ଟଙ୍କାର ବୀମା ରାଶି ଏବଂ ଉତ୍ତରାଧିକାରୀଙ୍କୁ ଅନୁକମ୍ପାମୂଳକ ଚାକିରୀ, କର୍ମକ୍ଷେତ୍ରରେ ଆଘାତ ହୋଇ ଚିକିତ୍ସା ସମୟରେ ପୂର୍ଣ୍ଣ ଦରମା, ଶାରୀରିକ ଅକ୍ଷମଙ୍କୁ ଅନୁକମ୍ପା ରାଶି ଓ କ୍ୱାର୍ଟର ଦେବା ପାଇଁ ବନ୍ଦର ଅଧକ୍ଷଙ୍କୁ ଅନୁରୋଧ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ବାକି ରହିଥିବା ଦାବି ଗୁଡିକ ୨୦୨୬ ମସିହାର ପରବର୍ତ୍ତୀ ଚୁକ୍ତିନାମାରେ ଆଲୋଚନା କରିବା ପାଇଁ ଷ୍ଟିଭଡୋର୍ସ ଆସୋସିଏସନର ସଭାପତି ମହିମାନନ୍ଦ ମିଶ୍ରଙ୍କ ସହିତ ସମ୍ପାଦକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ପ୍ରଭାତ ନନ୍ଦୀ, ଅକ୍ଷୟ କୁମାର ସୁତାର, ଶରତ ଚନ୍ଦ୍ର ହାତୀ, ଧର୍ମେନ୍ଦ୍ର ପତି ଏବଂ ଅନ୍ୟ ମାଲିକ ମାନେ ପ୍ରତିଶୃତି ଦେଇଥିଲେ। ଉକ୍ତ ଆଲୋଚନାରେ ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିଅନର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ, ଉପସଭାପତି ଗୁଣନିଧି ଚୌଧୁରୀ, କୋଷାଧକ୍ଷ ବ୍ରିଜେଶ ଲେଙ୍କା, ସମ୍ପାଦକ ବିପ୍ଳବ ଜେନାଙ୍କ ସହିତ ଜପିଏମ ନେତା କାଳୁ ଚରଣ ବରାଳ, ବିରଞ୍ଚି ସୁନ୍ଦରାଏ ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କୃଷି ଭବନର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ

# କୃଷି ଭବନ କୃଷି କ୍ଷେତ୍ରକୁ ନୂଆଁ ପରିଚୟ ଦେବ: ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, (ଡିକେ ନ୍ୟୁଜ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର 'ଶୀତଳ ଷଷ୍ଠୀ'ର ପବିତ୍ର ଅବସରରେ ସମ୍ବଲପୁରରେ କୃଷି ଭବନର ଉଦଘାଟନ କରିବା ସହ ମୃତ୍ତିକା ଭବନ ପରିଦର୍ଶନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ସମ୍ବଲପୁର ଏକ କୃଷି ପ୍ରଧାନ ଅଞ୍ଚଳ। ଆଜି ଲୋକାର୍ପିତ ଅତ୍ୟାଧୁନିକ କୃଷି ଭବନ ସମ୍ବଲପୁରର କୃଷି ଗବେଷଣା ସହ କୃଷି କ୍ଷେତ୍ରକୁ ନୂଆଁ ପରିଚୟ ଦେବା ସହ ଅନ୍ନଦାତାଙ୍କ ଉତ୍ତରୋତ୍ତର ଉନ୍ନତି ଦିଗରେ ବିଶେଷ ସହାୟକ ହେବ। ଏଥିପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ ଆହୁରି କହିଛନ୍ତି ଯେ ଦେଶର ପ୍ରଧାନମନ୍ତ୍ରୀ ମୋଦିଙ୍କ କଳ୍ପନାରେ ଓଡ଼ିଶାର ଗରିବ, ଚାଷୀ, ମହିଳା, ଯୁବକଙ୍କ କଲ୍ୟାଣ ଏବଂ ଶିଶୁଙ୍କୁ ଉପଯୁକ୍ତ ପୋଷଣ ପ୍ରଦାନ କରିବା ଦିଗରେ ଡବଲ ଇଞ୍ଜିନ ସରକାର ସମର୍ପିତ। ନୂଆଁ ସରକାରର ଶାସନକୁ ଏକ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଲମ୍ବା ସମୟ ଧରି ଓଡ଼ିଶାର ଥିବା ଆବଶ୍ୟକତାକୁ ଡବଲ ଇଞ୍ଜିନ ସରକାର ପୂରଣ କରୁଛନ୍ତି। ପୂର୍ବ ସରକାର ସୋହେଲାରେ ଧାନ ଉପରେ ୧୦୦ ଟଙ୍କା ଅତିରିକ୍ତ ବୋନସ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହାକୁ ପୂରଣ କରିନଥିଲେ। ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ଇନପୁଟ ସବସିଡିକୁ ମିଶାଇ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ଖରିଫ ଓ ରବି ଧାନ ସଂଗ୍ରହ ପ୍ରାୟ ୯୦ ହଜାରରୁ ୧ ଲକ୍ଷ ମେଟ୍ରିକ୍ ଟନ କିଣାଯାଉଛି। ରାଜ୍ୟ ସରକାର ଧାନ କିଣା ବାବଦକୁ ନିଜସ୍ୱ ବଜେଟରୁ ପ୍ରାୟ ୮୦୦୦ କୋଟି ଟଙ୍କା ଚାଷୀମାନଙ୍କୁ ଦେଉଛନ୍ତି। ସୁଭଦ୍ରା ଯୋଜନାରେ ପ୍ରାୟ ଏକ କୋଟି ମାଆ ଭଉଣୀମାନଙ୍କୁ ୧୦,୦୦୦ କୋଟି ଦିଆଯାଇଛି, ଯାହା ସେମାନଙ୍କୁ ସଶକ୍ତ କରିଛି। ହିତାଧିକାରୀମାନଙ୍କୁ ଡିବିଟି ଜରିଆରେ ସିଧାସଳଖ ସହାୟତା ରାଶି ପ୍ରଦାନ ସହ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓଡ଼ିଶାର ବିକାଶ ଗତିକୁ ତ୍ୱରାନ୍ୱିତ କରୁଛି। ସ୍କୁଲ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେଇ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟକୁ ବିକଶିତ କରିବାର ଦାୟିତ୍ୱ ନିଆଯାଇଛି। ଶ୍ରୀ ପ୍ରଧାନ ଏହି ଅବସରରେ ସମ୍ବଲପୁର କୃଷି ଭବନ ପରିସରରେ ମାଆ ପାଇଁ ଗଛଟିଏ ଅଭିଯାନରେ ବୃକ୍ଷରୋପଣ କରିଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ଏବଂ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଉପସ୍ଥିତ ଥିଲେ।

# ଜାତୀୟ ରାଜପଥ କଡରୁ ମିଳିଲା ଏଏସଆଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ



ଧର୍ମଗଡ଼, (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ବନମାଳିପୁର ଜାତୀୟ ରାଜପଥ ୨୬ ରାସ୍ତାରୁ ଏଏସଆଇ ପବିତ୍ର ଗୋଲାପିଙ୍କ ମୃତଦେହ ଉଦ୍ଧାର ହୋଇଛି। ବାଇକର ଅଧା ଅଂଶ ମଧ୍ୟ ପୋଡିଯାଇଛି। ପବିତ୍ର ଗୋଲାପି କିଛି ଦିନ ହେବ ଭବାନୀପାଟଣା ରିଜର୍ଭ ପୋଲିସରେ କାର୍ଯ୍ୟରତ ଥିଲେ। କଳାହାଣ୍ଡି ଜିଲ୍ଲା ଜୁନାଗଡ଼-ଭବାନୀପାଟଣା ଯାଉଥିବା ୨୬ ନମ୍ବର ଜାତୀୟ ରାଜପଥର ବନମାଳିପୁର ଛକ ନିକଟରେ ରବିବାର ସକାଳୁ ବାଇକ ସହ ଜଣେ ପୋଲିସ ଏଏସଆଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପଡିଥିବା ଦେଖିବାକୁ ମିଳିଛି। ମୃତ ପୋଲିସ ଏଏସଆଇଙ୍କ ନାମ ପବିତ୍ର ଗୋଲାପୀ (୪୩) ହୋଇଥିବା ବେଳେ ତାଙ୍କ ଘର କୋରାପୁଟ ଜିଲ୍ଲା ବୋରିଗୁମା ଥାନା ସାନଦୁବଲି ଗ୍ରାମ ବୋଲି ଜଣାପଡିଛି। ମୃତ ପୋଲିସ ଏଏସଆଇ କଳାହାଣ୍ଡି ଜିଲ୍ଲାର କେଗାଁ ଥାନାରେ କାର୍ଯ୍ୟରତ ଥିବାବେଳେ ଗତ ମାସ ଶେଷରେ ତାଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବିତ କରାଯାଇଥିଲା। ଯାହାଫଳରେ ସେ ଭବାନୀପାଟଣା ସ୍ଥିତ ପୋଲିସ ରିଜର୍ଭ ଠାରେ କାର୍ଯ୍ୟ କରୁଥିଲେ। ତେବେ ଏହା ହତ୍ୟା ନା ଦୁର୍ଘଟଣା ତାହା ଜଣାପଡ଼ି ନଥିଲା। ଘଟଣାସ୍ଥଳରେ ଅତିରିକ୍ତ ଏସପି ଓ ଟିମ୍ ପହଞ୍ଚି ଛାନଭିନ କରିଥିଲେ। ସେପଟେ ପୋଲିସ ଏଏସଆଇଙ୍କ ଏଭଳି ସନ୍ଦେହଜନକ ମୃତ୍ୟୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ଭବାନୀପାଟଣାରୁ କୋରାପୁଟକୁ ବାଇକରେ ଯାଉଥିବାବେଳେ ବାଟରେ ବନମାଳିପୁର ଛକ ନିକଟରେ ଏକ ଅଟକି ଥିବା ଟ୍ରକରେ ପିଟିହୋଇ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି। ଦୁର୍ଘଟଣା ପରେ ବାଇକରେ ନିଆଁ ଲାଗିଯିବା ସହ ପୋଲିସ ଏଏସଆଇଙ୍କ ଦେହରେ ମଧ୍ୟ ନିଆଁ ଲାଗି ଯାଇଥିଲା। ରବିବାର ସକାଳରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ଆସି ତଦନ୍ତ କରିଥିଲା। ଦୁର୍ଘଟଣାରେ ଜଡ଼ିତ ଟ୍ରକକୁ ଧରିବା ପାଇଁ ପୋଲିସ ଚେଷ୍ଟା ଜାରି ରଖିଥିବା ଜୁନାଗଡ଼ ଥାନା ଅଧିକାରୀ ଶେଷଦେବ ବେହେରା ସୂଚନା ଦେଇଛନ୍ତି। ଏପଟେ ମୃତ ଏସଆଇଙ୍କ ସାନଭାଇ ନରେନ୍ଦ୍ର ଗୋଲାପି ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଥିବା ଗଣମାଧ୍ୟମକୁ କହିଛନ୍ତି। ଅର୍ଦ୍ଧଦଗ୍ଧ ଶବକୁ ପୋଲିସ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଜୁନାଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିବା ବେଳେ ପରିବାର ବର୍ଗ ମଧ୍ୟ କୋରାପୁଟରୁ ଆସି ପହଞ୍ଚିଛନ୍ତି। ଜୁନାଗଡ଼ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଟିଟିଲାଗଡ଼ର ଶୀତଳଷଷ୍ଠୀରେ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ



ଟିଟିଲାଗଡ଼, (ଡିକେ ନ୍ୟୁଜ): ଚଳିତ ବର୍ଷ ୨୫ ତମ ବର୍ଷରେ ପଦାର୍ପଣ କଲା ଟିଟିଲାଗଡ଼ର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା। ଟିଟିଲାଗଡ଼ର ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସଙ୍କ ଆବାହକତ୍ୱରେ ଶନିବାର ସନ୍ଧ୍ୟାରେ ଦେବ ନିମନ୍ତ୍ରଣ କରାଯାଇଥିଲା। ଚଳିତ ବର୍ଷର ପିତାମାତା ଭାବେ ସିରଭଟା ପଡ଼ାର ମହେନ୍ଦ୍ର କୁମାର ରାଉତ ଏବଂ ସପତ୍ନି ମେନକା ରାଉତ ସୌଭାଗ୍ୟ ଅର୍ଜନ କରିଥିଲେ। ରବିବାର ସଂଧ୍ୟାରେ ବର ପିତାମାତା, ତାଙ୍କର ସମ୍ପର୍କୀୟଙ୍କ ସହ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ପ୍ରଭୁ ମହାଦେବଙ୍କୁ ଧରି ବରଯାତ୍ରୀ ଧରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଡିଜେର ତାଳେ ତାଳେ ଝୁମି ନାଚି ହାଟପଦା ପଡ଼ାସ୍ଥିତ ପ୍ରହରୀ ମଣ୍ଡପକୁ ଆସିଥିଲେ। କନ୍ୟା ପିତାମାତା ଭାବେ ହାଟପଦା ପଡ଼ାର ସୀତାରାମ ବେହେରା ଏବଂ ସପତ୍ନି ରେଣୁକା ବେହେରା ଏବଂ ପଡ଼ାବାସି ବର ପକ୍ଷକୁ ପାଛୋଟି ଆଣିଥିଲେ। ତାପରେ ରାତି ୧୧.୩୦ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଏହି ଉତ୍ସବକୁ ଦେଖିବାକୁ ଆସିଥିବା ହଜାର ହଜାର ଭକ୍ତଙ୍କୁ ଶୀତଳଷଷ୍ଠୀ କମିଟି ପକ୍ଷରୁ ଭୋଗ ବଣ୍ଟନ କରାଯାଇଥିଲା। ଏହି ଯାତ୍ରାକୁ ସୁରୁଖୁରୁରେ ସଞ୍ଚାଳନ କରିଥିଲେ କମିଟିର ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧୀର ଘଡ଼େଇ, କୋଷାଧ୍ୟକ୍ଷ ପ୍ରଭାକର ସରାଫ, ସଦସ୍ୟ ଧଳା କାହୁଁ ବୁଡେକ୍, କାର୍ତ୍ତିକ ନାଏକ, ଉପଦେଷ୍ଟା କମିଟିର କୃଷ୍ଣଚନ୍ଦ୍ର ସରାଫ, ଲିଙ୍ଗରାଜ ସାହୁ, ସଞ୍ଜୀବ ତ୍ରିପାଠୀ, ଟିକେଲାଲ ବେହେରା ଏବଂ କମିଟିର ଅନ୍ୟାନ୍ୟ ସଦସ୍ୟା ରହିଛନ୍ତି। ସେହିପରି ରବିବାର ପ୍ରତ୍ୟାବର୍ତ୍ତନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ ଶ୍ରୀ ଶୁଭ୍ରାଂଶୁ ଦାସ ସୂଚନା ଦେଇଛନ୍ତି।

# ପୋଲିସ ଅଧିକାରୀଙ୍କ ନାରେ ନକଲି ଆଇଡି କରି ଠକିବାକୁ ଉଦ୍ୟମ




ଅସ୍ତରଙ୍ଗ, (ଡିକେ ନ୍ୟୁଜ): ଅସ୍ତରଙ୍ଗ କାକଟପୁର ଅଞ୍ଚଳରେ ରବିବାର ଏକ ଘଟଣା ପୂରା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଜଣେ ଦକ୍ଷ ସଚ୍ଚୋଟ ବରିଷ୍ଠ ପୋଲିସ ଅଧିକାରୀଙ୍କ ଫଟୋ ଆଉ ନା'କୁ ନେଇ ଫେକ୍ ଆଇଡି ବନାଇ ସାଇବର ଅପରାଧୀ କିଛି ସାଧାରଣ ଲୋକଙ୍କୁ ଠକିବାକୁ ଉଦ୍ୟମ କରିଛନ୍ତି। କାକଟପୁର ଥାନାର ପୂର୍ବତନ ଅଧିକାରୀ ରବି ନାରାୟଣ ଭଞ୍ଜ ଯିଏକି ବର୍ତ୍ତମାନ ପୁରୀ ଜିଲ୍ଲା ସଦର ଡିଏସପି ଅଛନ୍ତି। ତାଙ୍କ ନାମରେ ଫେସବୁକ ମେସେଞ୍ଜରରୁ ଅସ୍ତରଙ୍ଗ ଅଞ୍ଚଳର ଜଣେ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା (ବାବୁଲି ବେହେରା)ଙ୍କୁ ଇଂରାଜୀ ଭାଷାରେ କିଛି ମେସେଜ ଆସିଲା। ମେସେଜ ଡିପିରେ ରବିନାରାୟଣ ଭଞ୍ଜଙ୍କ ଫୋଟୋ ରହିଛି ଓ ତାଙ୍କ ନାମରେ ମଧ୍ୟ ଆଇଡି। ସେଥିରେ ପ୍ରକାଶ ବେହେରାଙ୍କ ଫୋନ ନମ୍ବର ମଗାଗଲା ଆଉ କୁହାଗଲା ଯେ ମୋର ଜଣେ ବନ୍ଧୁ ସିଆରପିଏଫ ଯବାନଙ୍କର ବଦଳି ହୋଇଛି। ତାଙ୍କ ଫର୍ଣ୍ଣିଚର ସାମଗ୍ରୀ ସେ କମ ପଇସାରେ ତମକୁ ଦେଇଦେବେ ଆଉ ସେ ତୁମକୁ କଲ କରିବା ସହ ହ୍ୱାଟ୍ସଅପରେ ସାମଗ୍ରୀ ଫଟୋ ଦେବେ। କିଛି ସମୟ ପରେ ଶ୍ରୀ ବେହେରାଙ୍କୁ ନମ୍ବରରୁ ହ୍ୱାଟ୍ସଅପରୁ କଲ୍ ଆସିବା ସହ ଫର୍ଣ୍ଣିଚର ସାମଗ୍ରୀର ଫଟୋ ଛଡାଯାଇଛି। ଆଉ ଏହାର ମୂଲ୍ୟ ୬୦ ହଜାର ଟଙ୍କା ବୋଲି କୁହାଯାଇଛି। ଏହାକୁ ନେଇଯିବାକୁ ଅନୁରୋଧ କରାଯାଇଛି। ଏହି ଘଟଣା ଘଟିବା ପରେ ଅସ୍ତରଙ୍ଗ କାକଟପୁର ଅଞ୍ଚଳରେ ଏକ ବିସ୍ମୟ ରୂପକ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣା କେବଳ ଶିକ୍ଷକ ପ୍ରକାଶ ଚନ୍ଦ୍ର ବେହେରା ନୁହେଁ ବରଂ କାକଟପୁର ଅଞ୍ଚଳର ଜଣେ ଦକ୍ଷ ବରିଷ୍ଠ ସାମ୍ବାଦିକଙ୍କ ସହିତ ମଧ୍ୟ ସମାନ ଧାରାରେ ଘଟିଛି। ଏହିଭଳି ସାଇବର ଲୁଟେରାଙ୍କୁ ତୁରନ୍ତ ଧରି ଏମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଥିବା ବେଳେ ଅନ୍ୟ ପଟେ ବରିଷ୍ଠ ପୋଲିସ ଅଧିକାରୀ ରବି ନାରାୟଣ ଭଞ୍ଜ ଏହାର ତଦନ୍ତ କରି ତୁରନ୍ତ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ମତାମତ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା...

ରାଜ୍ୟର ଓମଫେଡ଼ ଦୁଗ୍ଧ ଉତ୍ପାଦକମାନଙ୍କୁ ସରକାରଙ୍କ ତରଫରୁ ଲିଟର ପିଛା ୩ ଟଙ୍କା ଅଧିକ ଦାମ ଦିଆଯିବ। ଖାଉଟିମାନଙ୍କ ପାଇଁ ବୃଦ୍ଧି ହେବାକୁ ଥିବା ଲିଟର ପ୍ରତି ୪ ଟଙ୍କାରୁ ୨ ଟଙ୍କା ସରକାର ବହନ କରିବେ। ଏହାଦ୍ୱାରା ରାଜ୍ୟର ପ୍ରାୟ ୨.୫ ଲକ୍ଷ ଗୋପାଳକ ସିଧାସଳଖ ଲାଭବାନ ହୋଇପାରିବେ। ଆମେ ଚାହୁଁଛୁ ଯେ ଓଡ଼ିଶା ଏକ ଦୁଗ୍ଧ ଉତ୍ପାଦନ ରାଜ୍ୟ ଭାବରେ ଦେଶରେ ଏକ ମଡେଲ୍ ସ୍ଥାନ ନେଉ। ଆମେ ସମସ୍ତେ ମିଳିତ ଭାବେ ଦୁଗ୍ଧ ସମୃଦ୍ଧ ଓଡ଼ିଶା, ସୁସ୍ଥ ଓଡ଼ିଶା ନାରାକୁ ସାକାର କରିବା ଉଚିତ ବୋଲିମୁଖ୍ୟମନ୍ତ୍ରୀ ପରିଶେଷରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, କହିଥିଲେ ଯେ, ଦୁଗ୍ଧ ଉତ୍ପାଦନ ଏବଂ ଦୁଗ୍ଧ ଜାତୀୟ ପଦାର୍ଥ ଉତ୍ପାଦନ ଯୋଗୁଁ ଆଜି ଓଡିଶାର ମାଆ, ଭଉଣୀ ମାନେ ଆତ୍ମନିର୍ଭରଶୀଳ। ଏହି ବିଭାଗ ସହିତ ଆମର ମିଶନ ଶକ୍ତି ମାଆ ଓ ଭଉଣୀ ମାନେ ସଂଶ୍ଲିଷ୍ଟ ରହି କେବଳ ଏତିକି ନୁହେଁ ଅର୍ଗାନିକ୍ ବାୟୋ କମ୍ପୋଷ୍ଟ ତିଆରି କରି ନିଜକୁ ଲକ୍ଷ ପତି ଦିଦି ଭାବେ ପରିଚିତ କରିଛନ୍ତି। ନିଜ ବକ୍ତବ୍ୟରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଗୋପାଳନ ଓ ଦୁଗ୍ଧ ଉତ୍ପାଦନ, ସମାଜରେ ପ୍ରତ୍ୟେକ ସ୍ତରରେ ରୋଜଗାର ବୃଦ୍ଧି କରିବାରେ ସହାୟକ ହେଉଛି। ଦେଶର ଆର୍ଥିକ ଅଭିବୃଦ୍ଧି ଦେଶର ପ୍ରତ୍ୟେକ ଟି ଗାଁ ସ୍ୱାବଲମ୍ବୀ ହେଲେ ହିଁ ହୋଇ ପାରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ କ୍ରାନ୍ତି ଆଣିଛି । ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବା ସହ ଦୁଗ୍ଧ ଉତ୍ପାଦନରେ ଓଡ଼ିଶାକୁ ସ୍ୱାବଲମ୍ବୀ କରିବା ପାଇଁ ଆମ ସରକାର ପ୍ରତିବଦ୍ଧ ଅଛି ବୋଲି କହିଛନ୍ତି ମାନ୍ୟବର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାଣିପାଳନ ଓ ପ୍ରାଣିଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ରେ ବିଭିନ୍ନ ପ୍ରାଣିକଲ୍ୟାଣ ସଂଗଠନର କର୍ମକର୍ତ୍ତା, ରାଜ୍ୟର ବିଭିନ୍ନ ଅଞ୍ଚଳର ଗୋପାଳକ ଓ ପ୍ରାଣିପାଳକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଶିବ ଓ ପାର୍ବତୀଙ୍କ...

କରାଯାଇଥିଲା। ସେହିପରି ଝାଡୁଆପଡ଼ାର ଲୋକନାଥ ବାବାଙ୍କ ବରଯାତ୍ରାରେ ପଞ୍ଚବକ୍ର, ରାଧାକୃଷ୍ଣ ଏବଂ ବୀର ହନୁମାନ ସ୍ୱତନ୍ତ୍ର ପାଲିଙ୍କିରେ ଅଂଶଗ୍ରହଣ କରି ଲୋକନାଥ ବାବାଙ୍କ ବରଯାତ୍ରାରେ ପଞ୍ଚବକ୍ର, ରାଧାକୃଷ୍ଣ ଏବଂ ବୀର ହନୁମାନ ସ୍ୱତନ୍ତ୍ର ପାଲିଙ୍କିରେ ଅଂଶଗ୍ରହଣ କରିଥିଲେ। ବିବାହ ପାଇଁ ଅମରନାଥ ସୂପକାର ଓ ଅମୟ ସୂପକାର ବର ପିତାମାତା ଭୂମିକା ଗ୍ରହଣ କରିଥିଲେ। ସ୍ଥାନୀୟ ସାକ୍ଷୀଗୋପୀନାଥ ପଡ଼ା ନିବାସୀ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ତାଙ୍କ ପତ୍ନୀ ପଦ୍ମିନୀ ନାୟକ କନ୍ୟା ପିତାମାତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବିବାହ ଉତ୍ସବ ମହାନଦୀ କ୍ଲବ ଠାରେ ନିର୍ମିତ ସୁସଜ୍ଜିତ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ମହେନ୍ଦ୍ର କୁମାର ପୂଜାରୀ ଏହାକୁ ସଂଯୋଜନା କରିଥିଲେ। ମୁଦି ପଡ଼ାର ଜାଗେଶ୍ୱର ମହାଦେବ ଦେବୀ ପାର୍ବତୀଙ୍କ ପରିଣୟ ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। ବରପିତା ମଧୁସୂଦନ ନେଗୀ ଏବଂ ବୁର୍ଲା କନ୍ଷ୍ଟ୍ରାକ୍ଟର କଲୋନୀର ମୃତ୍ୟୁଞ୍ଜୟ ଦାଶ ଏବଂ ମଧୁସ୍ମିତା ପଣ୍ଡା କନ୍ୟା ପିତାମାତା ଭୂମିକା ଦାୟିତ୍ୱ ବହନ କରିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଏହାକୁ ପରିଚାଳନା କରିଥିଲେ। ଜାଗେଶ୍ୱରଙ୍କ ବର ଶୋଭାଯାତ୍ରାରେ ରାଧାକୃଷ୍ଣ, ବୀର ହନୁମାନ ଭିନ୍ନ ଭିନ୍ନ ପାଲଙ୍କିରେ ପରିକ୍ରମା କରିଥିଲେ। ଏଥିସହ ବାଲିବନ୍ଧାର ସୋମନାଥ ବାବା, ବଡ଼ବଜାର ର ଶୀତଳେଶ୍ୱର, ଠାକୁରପଡ଼ାର ଗୁପ୍ତେଶ୍ୱର, ମାନେଶ୍ୱରର ମାନ୍ଧାତା, ଦୁର୍ଗାପାଲିର ଗୁଡ଼େଶ୍ୱର, ଫାଟକର ମହାକାଳେଶ୍ୱର , ବୁଢ଼ାରଜାର ପାହାଡ଼େଶ୍ୱର, ମ୍ୟୁନିସିପାଲଟି ଛକର ଗୁପ୍ତେଶ୍ୱରଙ୍କ ମଧ୍ୟ ବିବାହ ଉତ୍ସବ ପାରମ୍ପାରିକ ରୀତିରେ ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ତେବେ ପଞ୍ଜିକା ଅନୁଯାୟୀ ଜ୍ୟେଷ୍ଠମାସ ଶୁକ୍ଳ ପକ୍ଷ ପଞ୍ଚମୀ ତିଥର ରାତି ଶିବ-ପାର୍ବତୀଙ୍କ ପରିଣୟ ପରେ ସୋମବାର ଷଷ୍ଠୀ ତିଥିରେ ନବପରିଣତ ଦେବଦେବୀ ମନ୍ଦିର ବେଢ଼ାକୁ ପ୍ରତ୍ୟାବର୍ତ୍ତନ କରିବେ। ଦେବ ଦମ୍ପତି ଗଣ୍ଡାଳ ହୋଇ ରବିବାର ରାତିରେ ଭକ୍ତଙ୍କୁ ଦର୍ଶନ ଦେବା ସହ ନଗର ପରିକ୍ରମା କରିବେ। ଆସନ୍ତା ସୋମବାର ଦେବଦମ୍ପତିଙ୍କ ଗମ୍ଭୀରୟ ବିଜେ କାର୍ଯ୍ୟକ୍ରମ ରହିଛି।

### କେନ୍ଦ୍ରୀୟ ଫରେନସିକ୍ ବିଜ୍ଞାନ...

ପ୍ରତ୍ୟେକ ତଦନ୍ତକାରୀ ଅଧିକାରୀଙ୍କୁ ଏହାର ଗୁରୁତ୍ୱ ବୁଝାଇବା ପାଇଁ ଏକ ଅଭିଯାନ ଆରମ୍ଭ କରାଯିବ। ଏହା ମାଧ୍ୟମରେ, ସାରା ଦେଶରେ ଅପରାଧିକ ନ୍ୟାୟ ବ୍ୟବସ୍ଥା ଯୁକ୍ତି-ଭିତ୍ତିକରୁ ପ୍ରମାଣ-ଭିତ୍ତିକକୁ ପରିବର୍ତ୍ତିତ ହେବ, ଯାହା ନିଶ୍ଚିତ କରିବ ଯେ ଦୋଷୀମାନେ ସନ୍ଦେହର ଲାଭରୁ ଯେପରି ଫାଇଦା ଉଠାଇ ପାରିବେ ନାହିଁ ଏବଂ ପୀଡିତଙ୍କୁ ନ୍ୟାୟ ମିଳିବ। ଶ୍ରୀ ଶାହ କହିଛନ୍ତି ଯେ, ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ସେତେବେଳେ ସମ୍ଭବ ଯେତେବେଳେ ପୋଲିସ ଷ୍ଟେସନ, ସରକାରୀ ଓକିଲ ଏବଂ କୋର୍ଟ ଏହାର ଗୁରୁତ୍ୱ ବୁଝିବେ, ଏହାକୁ ଗ୍ରହଣ କରିବେ ଏବଂ ସେମାନଙ୍କ କାର୍ଯ୍ୟରେ ଏହାକୁ ପ୍ରାଥମିକତା ଦେବେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏକ ଏଫଏସଏଲ୍ ନେଟୱାର୍କ ସୃଷ୍ଟି କରି ଏବଂ କ୍ଲଷ୍ଟର ପଦ୍ଧତି ଗ୍ରହଣ କରି, ଜଟିଳ ମାମଲାରେ ବିଶେଷଜ୍ଞଙ୍କ ସମ୍ପୃକ୍ତି ନିଷ୍ପତ୍ତିକୁ ଅଧିକ ଦକ୍ଷତାର ସହିତ ଗ୍ରହଣ କରିବ, ଯାହା ଫଳରେ ସମଗ୍ର ଅପରାଧିକ ନ୍ୟାୟ ବ୍ୟବସ୍ଥାର ଏକ ମୌଳିକ ପରିବର୍ତ୍ତନ ହେବ। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଆଜି ନାର୍କୋଟିକ୍ସ ସଂସ୍କରଣ ୨.୦ ଏବଂ ବିସ୍ଫୋରକ ସଂସ୍କରଣ ୨.୦ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛି, ଯାହା ଦେଶବ୍ୟାପୀ ଫୋରେନସିକ୍ ବିଜ୍ଞାନ ପ୍ରୟୋଗଶାଳା ପାଇଁ ବିଭିନ୍ନ କାର୍ଯ୍ୟକୁ ସରଳ କରିବ। ଶ୍ରୀ ଅମିତ ଶାହ କହିଛନ୍ତି ଯେ ଆଜି, ଏକବିଂଶ ଶତାବ୍ଦୀରେ, ଯେତେବେଳେ ଆମର କାରବାର, ଯୋଗାଯୋଗ, ପରିଚୟ ଏବଂ ମୌଳିକ ବିବରଣୀ ସବୁ ଗୋଟିଏ ସ୍ଥାନରେ ସଂରକ୍ଷଣ କରାଯାଉଛି, ଅପରାଧର ପ୍ରକୃତି ମଧ୍ୟ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ସେ କହିଛନ୍ତି ଯେ, ଅପରାଧକୁ ରୋକିବା ପାଇଁ ଯେଉଁମାନେ କାର୍ଯ୍ୟ କରୁଛନ୍ତି, ସେମାନେ ଅପରାଧୀମାନଙ୍କଠାରୁ ଦୁଇ ପାଦ ଆଗରେ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଏବଂ ଯଦି ଆମେ ଏହି ପ୍ରୟାସରେ ବିଜ୍ଞାନସମ୍ମତ ଏବଂ ସ୍ୱଷ୍ଟ ଆଇନ ବ୍ୟବହାର ନ କରୁ, ତେବେ ଆମେ ଅପରାଧୀମାନଙ୍କଠାରୁ ଆଗରେ ରହିପାରିବୁ ନାହିଁ। ସେ କହିଛନ୍ତି ଯେ, ଫୋରେନସିକ୍ ଅଡିଟ୍ ମାଧ୍ୟମରେ ଏବେ ବଡ଼ ବଡ଼ ଆର୍ଥିକ ଠକେଇର ପର୍ଦ୍ଦାଫାସ ହେଉଛି, ଏବଂ ଆମର ଅପରାଧିକ ନ୍ୟାୟ ବ୍ୟବସ୍ଥା ଏକ ନୂତନ ଯୁଗରେ ପ୍ରବେଶ କରୁଛି। କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ କହିଛନ୍ତି ଯେ, ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍), ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସଏ) ହେଉଛି ଭାରତର ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ସଂସଦ ଦ୍ୱାରା ପ୍ରଣୀତ ଆଇନ, ଯାହା ଭାରତର ଜନସାଧାରଣଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ପ୍ରଦାନ କରିଥାଏ। ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ବ୍ରିଟିଶମାନଙ୍କ ଦ୍ୱାରା ପ୍ରଣୀତ ୧୬୦ ବର୍ଷ ପୁରୁଣା ଆଇନକୁ ଉଚ୍ଛେଦ କରି ନୂତନ ଭାରତ ପାଇଁ ନୂତନ ଆଇନ ପ୍ରଣୟନ କରିଛନ୍ତି। ସେ କହିଥିଲେ ଯେ ଏହା ଲୋକଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ, କାରଣ ବର୍ତ୍ତମାନ ଦୋଷୀ ପ୍ରମାଣ ଅଭାବରୁ ଖସି ଯାଇପାରିବେ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ଆଇନଗୁଡ଼ିକ ଆଗାମୀ ୧୦୦ ବର୍ଷ ମଧ୍ୟରେ ଘଟିବାର ସମ୍ଭାବନା ଥିବା ସମସ୍ତ ସମ୍ଭାବ୍ୟ ପ୍ରଯୁକ୍ତିଗତ ପରିବର୍ତ୍ତନକୁ ଅନ୍ତର୍ଭୁକ୍ତ ଏବଂ ପରିଭାଷିତ କରିସାରିଛି। ଅମିତ ଶାହ କହିଛନ୍ତି ଯେ ନୂତନ ଅପରାଧ ଆଇନଗୁଡ଼ିକ ଅପରାଧ ସ୍ଥଳ ତଦନ୍ତ ଏବଂ ବିଚାର ପ୍ରକ୍ରିୟାରେ ପ୍ରଯୁକ୍ତି ବିଦ୍ୟା ବ୍ୟବହାର ପାଇଁ ଏକ ଆଇନଗତ ଆଧାର ପ୍ରଦାନ କରିଛି। ସେ କହିଛନ୍ତି ଯେ, ସାତ ବର୍ଷରୁ ଅଧିକ କାରାଦଣ୍ଡ ସହିତ ଦଣ୍ଡନୀୟ ଅପରାଧରେ, ଏକ ଫୋରେନସିକ୍ ବିଜ୍ଞାନ ଦଳ ଗସ୍ତକୁ ବାଧ୍ୟତାମୂଳକ କରାଯାଇଛି। ସେ କହିଥିଲେ ଯେ, ଏହି ଆଇନଗୁଡ଼ିକ ସମୟସୀମା ମଧ୍ୟରେ ନ୍ୟାୟ ପ୍ରଦାନ କରେ, ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାର ବ୍ୟବସ୍ଥା ରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବର୍ତ୍ତମାନ ପ୍ରାୟ ୬୦ ପ୍ରତିଶତ ମାମଲାରେ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରାଯାଉଛି, ଯାହା ଏକ ପ୍ରମୁଖ ସଫଳତା। ସେ ଏହା ମଧ୍ୟ କହିଛନ୍ତି ଯେ 'ଅନୁପସ୍ଥିତିରେ ବିଚାର' ମାଧ୍ୟମରେ, ପଳାତକଙ୍କ ଅନୁପସ୍ଥିତିରେ ମଧ୍ୟ ବିଚାର କରାଯିବ ଏବଂ ଦଣ୍ଡ ଘୋଷଣା କରାଯିବ, ଏବଂ ସେମାନଙ୍କୁ ଅନ୍ତର୍ଜାତୀୟ ଚୁକ୍ତିନାମା ବ୍ୟବହାର କରି ଫେରାଇ ଅଣାଯିବ। ସେ କହିଥିଲେ ଯେ, ଦେଶର ୧୭,୧୮୪ ପୋଲିସ ଷ୍ଟେସନ ସିସିଟିଏନଏସ୍ ସହିତ ସଂଯୁକ୍ତ, ଅନଲାଇନରେ ଏହା ଯୋଡି ହୋଇଛି ଏବଂ ସେମାନଙ୍କର ତଥ୍ୟ ସାମୂହିକ ଭାବରେ ସୃଷ୍ଟି କରାଯାଉଛି। କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ଯେ ଭାରତ ସରକାର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଫୋରେନସିକ୍ ମୋବାଇଲ୍ ଭ୍ୟାନ୍ ପାଇଁ ସହାୟତା ପ୍ରଦାନ କରିଛନ୍ତି, ଏବଂ ଅନେକ ରାଜ୍ୟ ପଞ୍ଜୀକୃତ ଏଫଆଇଆର୍ ସଂଖ୍ୟା ଆଧାରରେ ନିଜସ୍ୱ ଭ୍ୟାନ୍ ସଂଖ୍ୟା ବୃଦ୍ଧି କରିଛନ୍ତି। ସେ କହିଛନ୍ତି ଯେ ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନଏଫଏସୟୁ)ର ୧୬ଟି କ୍ୟାମ୍ପସ୍ ମଞ୍ଜୁର ହୋଇଛି, ୭ଟି ପ୍ରତିଷ୍ଠିତ ହୋଇଛି ଏବଂ ବାକିଗୁଡ଼ିକ ପ୍ରକ୍ରିୟାରେ ଅଛି। ସେ କହିଛନ୍ତି ଯେ, ଏହା ବ୍ୟତୀତ, ପ୍ରଶିକ୍ଷିତ ମାନବଶକ୍ତିର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ପ୍ରମୁଖ ରାଜ୍ୟରେ ଏକ ଏନଏଫଏସୟୁ କଲେଜ ପ୍ରତିଷ୍ଠା କରାଯିବ। ସାରା ଦେଶରେ ୨୬ଟି କ୍ୟାମ୍ପସ୍‌ରୁ ବାର୍ଷିକ ୩୬,୦୦୦ ଛାତ୍ର ଡିଗ୍ରୀ, ଡିପ୍ଲୋମା ଏବଂ ପିଏଚଡି ସହିତ ସ୍ନାତକ ହେବେ, ଯେତେବେଳେ କି ଦେଶର ପ୍ରତି ବର୍ଷର ଆବଶ୍ୟକତା ୩୦,୦୦୦ ପ୍ରଶିକ୍ଷିତ ପେଶାଦାର ବୋଲି ସେ ଉଲ୍ଲେଖ କରିଛନ୍ତି। ଏହିପରି ଭାବରେ, ଆବଶ୍ୟକତା ଅନୁସାରେ ମାନବ ସମ୍ବଳ ସୃଷ୍ଟି କରିବାର କାର୍ଯ୍ୟ ପୂର୍ବରୁ ସମାପ୍ତ ହୋଇଛି। ଶ୍ରୀ ଶାହ ଆହୁରି କହିଛନ୍ତି ଯେ, ୧୩୦୦ କୋଟି ଟଙ୍କା ବ୍ୟୟରେ ଆଉ ୯ଟି ଏନଏଫଏସୟୁ କ୍ୟାମ୍ପସ ନିର୍ମାଣ କରାଯିବ ଏବଂ ୮୬୦ କୋଟି ଟଙ୍କା ବ୍ୟୟରେ ଉତ୍ତର ପ୍ରଦେଶ, ଛତିଶଗଡ଼, ଓଡ଼ିଶା, ରାଜସ୍ଥାନ, ତାମିଲନାଡୁ, କେରଳ ଏବଂ ବିହାରରେ ୭ଟି ନୂତନ ସିଏଫଏସଏଲ୍ ପ୍ରତିଷ୍ଠା କରାଯିବ। ସେ କହିଛନ୍ତି ଯେ, ଗୃହ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକର ଫୋରେନସିକ୍ ବିଜ୍ଞାନ ଭିତ୍ତିଭୂମିକୁ ସମର୍ଥନ କରିଛି। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଫୋରେନସିକ୍ କ୍ଷମତାର ଆଧୁନିକୀକରଣ ପାଇଁ ୨୦୮୦ କୋଟି ଟଙ୍କାର ଯୋଜନା ପ୍ରଣୟନ କରାଯାଉଛି ଏବଂ ୨୦୦ କୋଟି ଟଙ୍କା ବ୍ୟୟରେ ଏକ ଜାତୀୟ ଫୋରେନସିକ୍ ଡାଟା ସେଣ୍ଟର ପ୍ରତିଷ୍ଠା କରାଯିବ। ଅମିତ ଶାହ କହିଛନ୍ତି ଯେ, ଆମର ସମ୍ବିଧାନ ପ୍ରଣେତାମାନେ ସମ୍ବିଧାନରେ ସ୍ୱାଧୀନତାର ଭାବନାକୁ ଯୋଡିଥିଲେ, କିନ୍ତୁ ଆମେ ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ବହୁତ ବିଳମ୍ବରେ କାମ ଆରମ୍ଭ କରିଛୁ। ସେ କହିଛନ୍ତି ଯେ ସବୁଠାରୁ ଗରିବ ବ୍ୟକ୍ତି ମଧ୍ୟ ଯେପରି ମର୍ଯ୍ୟାଦାର ସହିତ ଏବଂ ବ୍ୟବସ୍ଥା ଉପରେ ବିଶ୍ୱାସ କରି ପୋଲିସ ଷ୍ଟେସନକୁ ଯାଇପାରିବେ ଏବଂ ଯଥାଶୀଘ୍ର ଆଇନଗତ ପ୍ରକ୍ରିୟା ମାଧ୍ୟମରେ ନ୍ୟାୟ ପାଇପାରିବେ ତାହା ନିଶ୍ଚିତ କରିବା ଆମର ଦାୟିତ୍ୱ।

### କଳିଙ୍ଗ ଷ୍ଟୁଡ଼ିଓ ପରିଦର୍ଶନ...

କରାଯାଇ ଏହି ଷ୍ଟୁଡ଼ିଓରେ ବିକାଶ କରାଯିବ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଷ୍ଟୁଡ଼ିଓ ବୁଲି ଦେଖିଥିଲେ । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ସମର୍ଥ ବର୍ମା ଏବଂ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ ଉପସ୍ଥିତ ଥିଲେ।

### ଦ୍ରୁତ ଗତିରେ ବଢୁଛି...

ହସ୍ପିଟାଲଗୁଡ଼ିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ସିଜେନ ସିଲିଣ୍ଡର, ଔଷଧ ଓ ଟିକାର ଯଥେଷ୍ଟ ମହଜୁଦ ରଖାଯାଇଛି। ବିଶେଷଜ୍ଞମାନେ ମାସ୍କ ପରିଧାନ, ସାମାଜିକ ଦୂରତା ଓ ସାନିଟାଇଜେସନ୍ ଭଳି ସୁରକ୍ଷା ପଦକ୍ଷେପ ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ବିଶେଷ କରି ବୟସ୍କ ଓ ବିଭିନ୍ନ ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଏହି ନିୟମ କଡାକଡି ଭାବେ ଅନୁପାଳନ କରିବାକୁ କୁହାଯାଇଛି। ପଶ୍ଚିମବଙ୍ଗରେ ୧୧୬ ଓ ଉତ୍ତରପ୍ରଦେଶରେ ୧୧୭ଟି ନୂଆ ମାମଲା ରିପୋର୍ଟ ହୋଇଛି। ମିଜୋରାମରେ ମଧ୍ୟ ଗତ ୭ ମାସ ପରେ ଗତକାଲି ଦୁଇଟି ନୂଆ ମାମଲା ଚିହ୍ନଟ ହୋଇଛି। ଓଡ଼ିଶାରେ ମଧ୍ୟ ଜଣେ ବ୍ୟକ୍ତିଙ୍କର କୋଭିଡ୍ ଯୋଗୁ ମୃତ୍ୟୁ ହୋଇଥିବା ଖବର ରହିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଜନସାଧାରଣଙ୍କୁ ସତର୍କ ରହିବାକୁ ଓ ଟିକାକରଣ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ କରିଛନ୍ତି।

# ପଥରରେ ଛେଚି ହତ୍ୟାକାରୀକୁ ୨୦ ବର୍ଷ କାରାଦଣ୍ଡ

ସମ୍ବଲପୁର, (ଡିକେ ନ୍ୟୁଜ): ସମ୍ବଲପୁର ସ୍ୱତନ୍ତ୍ର ପୋକ୍ କୋର୍ଟ ବିଚାରପତି ଅଭିଲାଶ ସେନାପତି ଏକ ହତ୍ୟା ମାମଲାର ବିଚାର କରି ଶନିବାର ରାୟ ପ୍ରଦାନ କରିଛନ୍ତି। ଅଭିଯୁକ୍ତ କୁଚିଣ୍ଡାର ମୂଳନିବାସୀ ସୁରଜ କିସାନଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଜରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୧ବର୍ଷ ଦଣ୍ଡାଦେଶ ରହିଛି। ମୃତ ବ୍ୟକ୍ତିର ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ବୁର୍ଲା ଥାନା ଅନ୍ତର୍ଗତ ଧୁଡିଆପଡାରେ କୁଚିଣ୍ଡା ଠାକୁର ନିକିଟିମାଲ ଗ୍ରାମର ସୁରଜ କିସାନ (୨୨) ଭଡାରେ ରହୁଥିଲେ। ସେ ମଜୁରିଆ ଭାବେ କାମ କରୁଥିବା ବେଳେ ଗତ ୩୦ ଜୁଲାଇ, ୨୦୨୨ରେ ସେହି ଅଞ୍ଚଳର ବିନୋଦ ଓରାମଙ୍କୁ ପଥର ଛେଚି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ବୁର୍ଲା ଥାନା ପୋଲିସ ୪୫୦/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁରଜକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତତ୍‌କାଳୀନ ଥାନା ଅଧିକାରୀ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତର ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ମୋଟ ୧୬ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।






# ଏସୀୟ ଦୌଡ଼କୁଦ ଚାମ୍ପିଅନସିପ ଉଦଯାପିତ

## ଚୀନକୁ ଶୀର୍ଷ ସ୍ଥାନ, ୨୪ ପଦକ ସହ ଭାରତ ଦ୍ୱିତୀୟ

ଗୁମି, ୧।୬ (ହି.ସ): ଦକ୍ଷିଣ କୋରିଆର ଗୁମିରେ ଚାଲିଥିବା ୨୬ତମ ଏସୀୟ ଦୌଡ଼କୁଦ ଚାମ୍ପିଅନସିପ ଉଦଯାପିତ ହୋଇ ଯାଇଛି। ଏଥିରେ ଭାରତ ୮ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୬ଟି କାଂସ୍ୟ ସହ ୨୪ଟି ପଦକ ଜିତି ଦ୍ୱିତୀୟ ସ୍ଥାନ ହାସଲ କରିଛି। ଚୀନ ୧୯ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୪ କାଂସ୍ୟ ସହ ୩୨ ପଦକ ସହ ଶୀର୍ଷ ସ୍ଥାନ ହାସଲ କରିଥିବା ବେଳେ ଜାପାନ ୫ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୧୨ଟି କାଂସ୍ୟ ସହ ୨୮ ପଦକ ସହ ତୃତୀୟ ସ୍ଥାନ ହାସଲ କରିଛି। ଶନିବାର ଅନ୍ତିମ ଦିବସରେ ପୁରୁଷ ଜାଭେଲିନ ଥ୍ରୋରେ ଭାରତ ପାଇଁ ସଚିନ ଯାଦବ ରୌପ୍ୟ ପଦକ ଜିତିଛନ୍ତି। ସଚିନ ୮୫.୧୬ ମିଟର ଦୂରତ୍ୱକୁ ଥ୍ରୋ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏଥିରେ ପାକିସ୍ତାନର ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଅର୍ଶଦ ନଦିମ ୮୬.୪୦ ମିଟର ଦୂରତ୍ୱକୁ ଥ୍ରୋ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ଓ ଜାପାନର ୟୁଟା ସାକିୟାମା ୮୩.୭୫ମିଟର ଦୂରତ୍ୱକୁ ଥ୍ରୋ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ୨୦୦ ମିଟର ଦୌଡ଼ରେ ଭାରତର ଅନିମେଶ କୁଜୁର ୨୦.୩୨ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ଏଥିରେ ଜାପାନର ଟୋୱା ଉଜାୱା ୨୦.୧୨ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ କାଜାଖସ୍ତାନର ଅବଦୁଲାଜି ଅବୁ ଅତାଫି ୨୦.୩୧ ସେକେଣ୍ଡ ସହ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏସୀୟ ଦୌଡ଼କୁଦ ଚାମ୍ପିଅନସିପରେ ଅନିମେଶଙ୍କ ଏହା ପ୍ରଥମ ପଦକ। ଏଥିସହିତ ଅନିମେଶ ନିଜ ନାମରେ ଥିବା ୨୦୦ ମିଟର ଦୌଡ଼ କୀର୍ତ୍ତିମାନକୁ ଭାଙ୍ଗିଛନ୍ତି। ଅନିମେଶ ୨୦୨୫ ଫେଡେରେସନ କପ୍ ଜାତୀୟ



ଦୌଡ଼କୁଦ ଚାମ୍ପିଅନସିପରେ ୨୦୦ ମିଟର ଦୌଡ଼କୁ ୨୦.୪୦ ସେକେଣ୍ଡରେ ଅତିକ୍ରମ କରି ଜାତୀୟ କୀର୍ତ୍ତିମାନ ସୃଷ୍ଟି କରିଥିଲେ। ଉକ୍ତ କୀର୍ତ୍ତିମାନକୁ ଅନିମେଶ ଭାଙ୍ଗିବାରେ ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ଅନିମେଶ ଦ୍ୱିତୀୟ ଭାରତୀୟ ଭାବେ ଏସୀୟ ଦୌଡ଼କୁଦ ଚାମ୍ପିଅନସିପର ୨୦୦ ମିଟର ଦୌଡ଼ରେ ପଦକ ଜିତିଛନ୍ତି। ପୂର୍ବରୁ ୨୦୧୫ରେ ଧର୍ମବୀର ସିଂହ କାଂସ୍ୟ ପଦକ ଜିତିଥିଲେ। ମହିଳା ୨୦୦ ମିଟର ଦୌଡ଼ରେ ଭାରତର ଜ୍ୟୋତି ୟାରାଜି ୨୩.୪୭ ସେକେଣ୍ଡ ସହ ପଞ୍ଚମ ସ୍ଥାନରେ ରହିଥିଲେ। ମହିଳା ୪୦୦ ମିଟର ବାଧାଦୌଡ଼ରେ ଭିତ୍ୟା ରାମରାଜ ୫୬.୪୬ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଥିଲେ। ଏଥିରେ ଚୀନର ମୋ ଜିଆଦି ୫୫.୩୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ବାଂଲାଦେଶର ଓଲୱାକିମି ମୁଜଦାତ ଆଦାକାୟୋ ୫୫.୩୨ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି। ମହିଳା ୫୦୦୦ ମିଟର ଦୌଡ଼ରେ ପାରୁଲ ଚୌଧୁରୀ ୧୫:୧୫.୩୩ ସେକେଣ୍ଡରେ ଅତିକ୍ରମ କରି ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ପଦକ ଜିତିଛନ୍ତି। ଏଥିରେ କାଜଖସ୍ତାନର ନୋହା ଜେରୁଟୋ ଟାନୁଲ ୧୪:୫୮.୭୧ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଜାପାନର ୟାମା ୟାମୋଟୋ ୧୫:୧୬.୮୬ ସେକେଣ୍ଡ ସହ ତୃତୀୟ ସ୍ଥାନ ସହ କାଂସ୍ୟ ପଦକ ଜିତିଛନ୍ତି। ଚଳିତ ପ୍ରତିଯୋଗିତାରେ ପାରୁଲଙ୍କ ଏହା ଦ୍ୱିତୀୟ ପଦକ। ପାରୁଲ ମହିଳା ୩୦୦୦ ମିଟର ଷ୍ଟିପଲ ଚେଜରେ ଜାତୀୟ କୀର୍ତ୍ତିମାନ ସହ ରୌପ୍ୟ ପଦକ ଜିତିଥିଲେ। ମହିଳା ୮୦୦ ମିଟର ଦୌଡ଼ରେ ପୂଜା ୨:୦୧.୮୯ ସେକେଣ୍ଡ ସହ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ। ଏଥିରେ ଚୀନର ଉ ୱାଙ୍ଗିୟୋ ୨:୦୦.୦୮ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଜାପାନର ରିନ କୁବୋ ୨:୦୦.୪୨ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି।

# ଫ୍ରେଞ୍ଚ ଓପନ: ପ୍ରି-କ୍ୱାର୍ଟରରେ ସିନର, ଭେରେଭ ଓ ପେଗୁଲା



ପ୍ୟାରିସ୍, ୧।୬ (ହି.ସ): ଚଳିତ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମର ସପ୍ତମ ଦିବସ ରୋମାଞ୍ଚପୂର୍ଣ୍ଣ ରହିଛି। ଟପ୍ ସିଡ୍ ଜାନିକ ସିନର, ପୂର୍ବତନ ରନର୍ସ ଅପ୍ ଆଲେକଜାଣ୍ଡର ଭେରେଭ, ଜେସିକା ପେଗୁଲା, ମୀରା ଆନ୍ଦ୍ରିଭା ପ୍ରମୁଖ ବିଜୟ ଜାରି ରଖି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସିଡେଡ୍ ଖେଳାଳିଙ୍କ ମଧ୍ୟରେ କେବଳ ଦଶମ ସିଡ୍ ପାଓଲା ବଡ଼ୋଶା ପରାଜିତ ହୋଇ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ତୃତୀୟ ସିଡ୍ ପେଗୁଲା ୩-୬, ୬-୪, ୬-୨ ସେଟରେ ମର୍କେଟା ଭଣ୍ଡ୍ରୋସୋଭାଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ପେଗୁଲାଙ୍କୁ ୧ଘଣ୍ଟା ୫୨ମିନିଟ୍ ଲାଗିଥିଲା। ଷଷ୍ଠ ସିଡ୍ ମୀରା ଆନ୍ଦ୍ରିଭା ମାତ୍ର ୭୮ମିନିଟ୍ ମଧ୍ୟରେ ୩୨ତମ ସିଡ୍ ୟୁଲିୟା ପୁଟିନସେଭାଙ୍କୁ ୬-୩, ୬-୧ ସେଟରେ ହରାଇଥିଲେ। ୧୨ତମ ସିଡ୍ ଡାରିଆ କାସାଟକିନା ୬-୧, ୭-୫ ସେଟରେ ଦଶମ ସିଡ୍ ପାଓଲା ବଡ଼ୋଶାଙ୍କୁ ପରାସ୍ତ କରିଥିବାବେଳେ ଫ୍ରାନ୍ସର ଲୋଇସ ବୋଇସନ ଯୋଗ୍ୟତା ପର୍ଯ୍ୟାୟରୁ ବିଜୟ ଜାରି ରଖି ପ୍ରଥମ ଥର ପାଇଁ ମୁଖ୍ୟ ଡ୍ର'ରେ ପ୍ରବେଶ କରିବା ସହ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ସେ ଅନ୍ୟତମ ଫ୍ରାନ୍ସ ଖେଳାଳି ଏଲସା ଜାକମୋଟଙ୍କୁ ୬-୩, ୦-୬, ୭-୫ ସେଟରେ ହରାଇଥିଲେ। ୨୦ତମ ସିଡ୍ ଏକତାରିନା ଆଲେକଜାଣ୍ଡ୍ରୋଭା ୬-୨, ୬-୨ ସେଟରେ ଭେରୋନିକା କୁଦର୍ମେଟୋଭାଙ୍କୁ ପରାସ୍ତ କରିଥିବାବେଳେ ହେଲି ବାପଟାଇଜ ୭-୬(୭-୪), ୬-୧ ସେଟରେ ଜେସିକା ବୌଜାସ ମାନେରୋଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ସ୍ଥାନ ପକ୍କା କରିଥିଲେ। ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ତାରକା ଖେଳାଳିଙ୍କ ଆଧିପତ୍ୟ ଜାରି ରହିଛି। ଟପ ସିଡ୍ ଜାନିକ ସିନରଙ୍କୁ ଜିତିବା ପାଇଁ ମାତ୍ର ଦେଢ ଘଣ୍ଟା ଲାଗିଥିଲା। ସେ ଜିରି ଲେହେକାଙ୍କୁ ୬-୦, ୬-୧, ୬-୨ ସେଟରେ ପରାସ୍ତ କରିଥିଲେ। ସେହିପରି ତୃତୀୟ ସିଡ୍ ଆଲେକଜାଣ୍ଡର ଭେରେଭ ୬-୨, ୭-୬ (୭-୪), ୬-୧ ସେଟରେ ଫାବିଆନ କୋବିଲଙ୍କୁ ହରାଇଥିଲେ। ତାଙ୍କୁ ଏହି ମ୍ୟାଚ୍ ଜିତିବା ପାଇଁ ଅଢେଇ ଘଣ୍ଟା ଲାଗିଥିଲା। ପଞ୍ଚମ ସିଡ୍ ଜ୍ୟାକ୍ ଡ୍ରାପର ୧ଘଣ୍ଟା ୪୬ ମିନିଟ୍ ମଧ୍ୟରେ ବ୍ରାଜିଲର ଯୁବ ତାରକା ଜୋଆଓ ଫୋନେସ୍କାଙ୍କୁ ୬-୨, ୬-୪, ୬-୨ ସେଟରେ ହରାଇଥିଲେ। ଅନ୍ୟ ତୃତୀୟ ରାଉଣ୍ଡ ମୁକାବିଲାରେ ଆଲେକଜାଣ୍ଡର ବବଲିକ୍ ୭-୫, ୬-୧, ୬-୨ ସେଟରେ ହେନରିକ ରୋଉଙ୍କୁ ପରାସ୍ତ କରିଥିବାବେଳେ ଟାଲନ ଗ୍ରିକ୍ସପୋର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଆମେରିକାର ଇଥାନ କ୍ୱିନଙ୍କୁ ୪-୬, ୬-୧, ୬-୭ (୨- ୭), ୬-୧, ୬-୪ ସେଟରେ ହରାଇଥିଲେ।

# ଏମପି ପ୍ରିୟାଙ୍କୁ ବିବାହ କରିବେ ରିଙ୍କୁ ସିଂହ !

ନୂଆଦିଲ୍ଲୀ, ୧।୬ (ହି.ସ): ପୁଣି ଚର୍ଚ୍ଚାରେ ଟିମ୍ ଇଣ୍ଡିଆ କ୍ରିକେଟର ରିଙ୍କୁ ସିଂହ ଏବଂ ସମାଜବାଦୀ ପାର୍ଟି ଏମପି ପ୍ରିୟା ସରୋଜ। ଉଭୟ ବର୍ଷ ଆରମ୍ଭରେ ନିର୍ବନ୍ଧ କରିଥିଲେ। ଏବେ ଜୁନ ୮ ତାରିଖରେ ସେମାନେ ପରସ୍ପରର ରିଙ୍ଗ ସେରିମନି କରିବାକୁ ଯାଉଛନ୍ତି। ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌର ଏକ ସପ୍ତ ତାରକା ହୋଟେଲରେ ଏହି ସମାରୋହ ଅନୁଷ୍ଠିତ ହେବ। ରିଙ୍କୁ ଏବଂ ପ୍ରିୟାଙ୍କ ବିବାହ ତାରିଖ ମଧ୍ୟ ପ୍ରକାଶ ପାଇଛି। ସେମାନେ ନଭେମ୍ବର ୧୮ ତାରିଖରେ ବାରାଣସୀର ତାଜ ହୋଟେଲରେ ପରସ୍ପରର ହାତ ଧରିବେ। ରିଙ୍କୁ ସିଂହଙ୍କ ଭାବିପତ୍ନୀ ପ୍ରିୟା ସରୋଜ ଉତ୍ତର ପ୍ରଦେଶର ଜୌନପୁର ଜିଲ୍ଲାର ମଛଲିଶହର ନିର୍ବାଚନମଣ୍ଡଳୀର ଏମପି। ୨୦୨୪ ଭାରତୀୟ ସାଧାରଣ ନିର୍ବାଚନରେ, ସେ ସମାଜବାଦୀ ପାର୍ଟିର ବିପି ସରୋଜଙ୍କୁ ୩୫୮୫୦ ଭୋଟ ବ୍ୟବଧାନରେ ପରାସ୍ତ କରି ଏକ ବଡ଼ ବିଜୟ ହାସଲ କରିଥିଲେ। ପ୍ରିୟା ସରୋଜଙ୍କ ପିତାଙ୍କ ନାମ ତୁଫାନି ସରୋଜ, ଯିଏ ମଛଲିଶହର ନିର୍ବାଚନମଣ୍ଡଳୀର ଏମପି ରହିସାରିଛନ୍ତି। ବର୍ତ୍ତମାନ ସେ କେରାକାଟ ବିଧାନସଭା ଆସନରୁ ବିଧାୟକ ଅଛନ୍ତି। ଟିମ ଇଣ୍ଡିଆରେ





ରିଙ୍କୁ ସିଂହ ଜଣେ ପ୍ରସିଦ୍ଧ କ୍ରିକେଟର ହୋଇଥିବାବେଳେ, ପ୍ରିୟା ସରୋଜ ରାଜନୀତିରେ ମଧ୍ୟ ବହୁତ ଲୋକପ୍ରିୟ। ଏଣୁ ସେମାନଙ୍କ ବିବାହରେ ଦେଶର ଷ୍ଟାର କ୍ରିକେଟର, ରାଜନେତା, ଫିଲ୍ମ ଷ୍ଟାର ଏବଂ ଶିଳ୍ପପତିଙ୍କ ଏକ ସମାବେଶ ହୋଇପାରେ। ରିପୋର୍ଟ ଅନୁସାରେ, ପ୍ରିୟାଙ୍କ ଜଣେ ବନ୍ଧୁ ଯାହାଙ୍କ ବାପା ଜଣେ କ୍ରିକେଟର ଅଛନ୍ତି, ସେ ରିଙ୍କୁଙ୍କୁ ବହୁତ ଭଲ ଭାବରେ ଜାଣନ୍ତି। ସେ ହିଁ ପ୍ରଥମ ଥର ପାଇଁ ରିଙ୍କୁ ଏବଂ ପ୍ରିୟାଙ୍କୁ ପରିଚିତ କରାଇଥିଲେ। ଏହା ମଧ୍ୟ କୁହାଯାଏ ଯେ ଆଲିଗଡ଼ରେ ନିର୍ମିତ ରିଙ୍କୁଙ୍କ ନୂତନ ଘର ପ୍ରିୟା ଫାଇନାଲ କରିଥିଲେ।

# ଦିଶା ପଟାନିଙ୍କର ହଲିଉଡରେ ଡେବ୍ୟୁ

## ଓସ୍କାର ବିଜେତା ନିର୍ଦ୍ଦେଶକଙ୍କ ସହ ଆକ୍ସନ ଫିଲ୍ମରେ ଏଣ୍ଟ୍ରି



ମୁମ୍ବାଇ, ୧।୬ (ହି.ସ): ଜଣାଶୁଣା ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ପ୍ରାୟତଃ କୌଣସି ନା କୌଣସି କାରଣରୁ ଖବରରେ ରହିଥାନ୍ତି। ଏସବୁ ମଧ୍ୟରେ, ଏବେ ସେ ଦୀପିକା ପାଦୁକୋନ, ପ୍ରିୟଙ୍କା ଚୋପ୍ରା ଏବଂ ଆଲିଆ ଭଟ୍ଟଙ୍କ ପରି ହଲିଉଡରେ ପାଦ ଦେବାକୁ ଯାଉଛନ୍ତି। ସେ ଖୁବ୍ ଶୀଘ୍ର ଏକ ଅନ୍ତର୍ଜାତୀୟ ପ୍ରୋଜେକ୍ଟର ଅଂଶ ହେବେ। ପ୍ରକୃତରେ, ଦିଶା ଏକ ସୁପରନାଚ୍ୟୁରାଲ ଆକ୍ସନ-ଥ୍ରୀଲର ଫିଲ୍ମରେ ନଜର ଆସିବେ। ଯାହାକୁ ଜଣେ ଓସ୍କାର ବିଜେତା ନିର୍ଦ୍ଦେଶକ ନିର୍ମାଣ କରୁଛନ୍ତି। ଏହି ଫିଲ୍ମର ନାମ ହେଉଛି ହୋଲିଗାର୍ଡସ୍ ଏବଂ ଏହା ଷ୍ଟାଟିଗାର୍ଡସ୍ ଭର୍ସେସ୍ ହୋଲିଗାର୍ଡସ୍ ନାମକ ଏକ ଆନ୍ତର୍ଜାତୀୟ ଫ୍ରାଞ୍ଚାଇଜର ଅଂଶ। ଏହି ଚଳଚ୍ଚିତ୍ରର କେତେକ ଅଂଶ ମେକ୍ସିକୋର ଡୁରାଙ୍ଗୋରେ ସୁଟିଂ କରାଯାଇଛି। ବିଶେଷ କଥା ହେଉଛି ଏହି ଫିଲ୍ମଟି ହଲିଉଡ୍ ଅଭିନେତା କେଭିନ୍ ସ୍ପେସିଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଛି, ଯିଏ ପ୍ରାୟ ୨୦ ବର୍ଷ ପରେ ନିର୍ଦ୍ଦେଶନାକୁ ଫେରିଛନ୍ତି। ଏହି ଫିଲ୍ମରେ ଦିଶାଙ୍କ ସହିତ ବଡ଼ ବଡ଼ ହଲିଉଡ୍ ଷ୍ଟାରମାନେ ମଧ୍ୟ ନଜର ଆସିବେ। ଏମାନଙ୍କ ମଧ୍ୟରେ ରକି ଆଇଭି ଏବଂ ଦି ଏକ୍ସପେଣ୍ଡେବଲ୍ସରେ ଅଭିନୟ କରିଥିବା ଡଲ୍ଫ ଲୁଣ୍ଡଗ୍ରେନ୍, ଏବଂ ଟାୟରେସ୍ ଗିବସନ୍ (ଫାଷ୍ଟ ଆଣ୍ଡ ଫ୍ୟୁରିଅସ୍ ଫେମ୍) ଏବଂ ବ୍ରାଏନା ହିଲଡେବ୍ରାଣ୍ଡ (ଡେଡପୁଲ୍ ଏବଂ ଲୁସିଫର) ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ, ଦିଶା ଚଳିତ ବର୍ଷ ଜାନୁଆରୀରେ ଡୁରାଙ୍ଗୋରେ ଫିଲ୍ମର ସୁଟିଂ କରିଥିଲେ। ସୂତ୍ର ଅନୁସାରେ ଦିଶାଙ୍କ ଆକ୍ସନ ଦୃଶ୍ୟଗୁଡ଼ିକ ବହୁତ ଶକ୍ତିଶାଳୀ ଏବଂ ଏହି ଫିଲ୍ମ ତାଙ୍କ ପ୍ରଶଂସକମାନଙ୍କ ପାଇଁ ଏକ ବଡ଼ ସରପ୍ରାଇଜ୍ ଆଣିବ। ଏହି ଚଳଚ୍ଚିତ୍ରର ଟ୍ରେଲର ୨୦୨୫ କାନ୍ସ ଫିଲ୍ମ ଫେଷ୍ଟିଭାଲରେ ପ୍ରିମିୟର ହୋଇଥିଲା। ଏହାକୁ ଭଲ ପ୍ରତିକ୍ରିୟା ମିଳିଥିଲା। ଏହା ସହିତ, ଦିଶାଙ୍କ ଏକ ବିଟିଏସ ଫଟୋ ମଧ୍ୟ ଭାଇରାଲ ହୋଇଥିଲା। ଯାହା ପ୍ରଶଂସକମାନଙ୍କ ମଧ୍ୟରେ ଉତ୍ସାହକୁ ଆହୁରି ବୃଦ୍ଧି କରିଥିଲା। ଦିଶା ପଟାନି ୨୦୧୫ ମସିହାରେ ତେଲୁଗୁ ଫିଲ୍ମ ଲୋଫରରେ ତାଙ୍କର ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ। ୨୦୧୬ରେ ସେ ତାଙ୍କର ଏମ୍.ଏସ୍. ଡିଗ୍ରୀ ହାସଲ କରିଥିଲେ। ସେ 'ଧୋନି: ଦି ଅନଟୋଲଡ ଷ୍ଟୋରୀ'ରେ ବଲିଉଡରେ ନିଜର ପରିଚୟ ସୃଷ୍ଟି କରିଥିଲେ। ଏହା ପରେ ସେ କୁଙ୍ଗ ଫୁ ଯୋଗ, ବାଗି ୨, ଭାରତ, ମଲଙ୍ଗ, କାଙ୍ଗୁଭା ଏବଂ କଳକି ୨୮୯୮ଏଡି ଭଳି ଫିଲ୍ମରେ କାମ କରିଥିଲେ। ଉତ୍ତର ପ୍ରଦେଶର ବରେଲିରୁ ଆସିଥିବା ଦିଶାଙ୍କୁ ୨୦୧୯ ପାଇଁ ଫୋର୍ବସ୍ ଇଣ୍ଡିଆର ସେଲିବ୍ରିଟି ୧୦୦ ତାଲିକାରେ ସ୍ଥାନ ଦିଆଯାଇଥିଲା। ସେ ୨୦୨୫ରେ ମୁକ୍ତିଲାଭ କରିବାକୁ ଯାଉଥିବା ବଲିଉଡ୍ ଫିଲ୍ମ ୱେଲକମ୍ ଟୁ ଦି ଜଙ୍ଗଲରେ ମଧ୍ୟ ନଜର ଆସିବେ। ଦିଶାଙ୍କ ହଲିଉଡ୍ ଡେବ୍ୟୁ କେବଳ ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ପାଇଁ ଗର୍ବର ବିଷୟ ନୁହେଁ ବରଂ ଏହା ତାଙ୍କ କ୍ୟାରିଅରକୁ ନୂତନ ଉଚ୍ଚତାକୁ ନେଇଯିବ ବୋଲି ଆଶା କରାଯାଉଛି।

# ବିଶ୍ୱ ସୁନ୍ଦରୀ ମୁକୁଟ ପିନ୍ଧିଲେ ଥାଇଲାଣ୍ଡର ଓପଲ ସୁଚ୍ଚତା

ହାଇଦ୍ରାବାଦ, ୧।୬ (ହି.ସ): ବିଶ୍ୱ ସୁନ୍ଦରୀ-୨୦୨୫ ଫାଇନାଲ ମୁକାବିଲା ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମାନସ୍ପଦ ବିଶ୍ୱ ସୁନ୍ଦରୀ ଟାଇଟଲ୍ ଜିତିଛନ୍ତି ଥାଇଲାଣ୍ଡର ଓପଲ ସୁଚ୍ଚତା ଚୁଆଙ୍ଗଶ୍ରୀ। ଥାଇଲାଣ୍ଡ ସୁନ୍ଦରୀ ବିଶ୍ୱ ସୁନ୍ଦରୀ ମୁକୁଟ ପିନ୍ଧିଛନ୍ତି। ରନର୍-ଅପ୍ ହୋଇଛନ୍ତି ମିସ୍ ଇଥିଓପିଆ। ୩ୟ ସ୍ଥାନ ହାସଲ କରିଛନ୍ତି ମିସ୍ ପୋଲାଣ୍ଡ ଏବଂ ଚତୁର୍ଥରେ ଅଛନ୍ତି ମିସ୍ ମାର୍ଟିନିକ୍ୟୁ। ମିସ୍ ୱାର୍ଲ୍ଡ ୨୦୨୫ରେ ଭାରତର ସ୍ୱପ୍ନ ଭାଙ୍ଗିଛି। ଶୀର୍ଷ ୮ରେ ପହଞ୍ଚିପାରିଲେ ନାହିଁ ନନ୍ଦିନୀ ଗୁପ୍ତା। ସେ ୪୦ତମ ସ୍ଥାନରେ ରହିଛନ୍ତି। ଓପଲ ସୁଚ୍ଚତା ମିସ୍ ୱାର୍ଲଡ୍ ଥାଇଲାଣ୍ଡ-୨୦୨୫ ଟାଇଟଲ୍ ଜିତିବା ପରେ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାର ନୂଆ ଯାତ୍ରା ଆରମ୍ଭ କରିଥିଲେ। ୨୦୦୩, ମାର୍ଚ୍ଚ ୨୦ରେ ଥାଇଲାଣ୍ଡର ତଟୀୟ ସହର ଫୁକେଟରେ ଜନ୍ମଗ୍ରହଣ କରିଥିଲେ। ଜଣେ ହୋଟେଲ ମାଲିକଙ୍କ ଝିଅ ହୋଇଥିବାରୁ ଅତିଥି ସେବାକୁ ଦେଖି ଦେଖି ସେ ବଡ଼ ହୋଇଛନ୍ତି। ସେ ଥାଇ, ଇଂରାଜୀ ଓ ଚାଇନିଜ୍ ଭାଷା ଜାଣନ୍ତି। ବ୍ୟାଙ୍କକର ଟ୍ରିଆମ ଉଡୋମ୍ ସୁକ୍ସା ସ୍କୁଲରୁ ତାଙ୍କର




ଶିକ୍ଷା ଆରମ୍ଭ ହୋଇଥିଲା। ସେଠାରେ ଚାଇନିଜ୍ ଅଧ୍ୟୟନ ଜରିଆରେ ଭାଷା ଓ ଅନ୍ତର୍ଜାତୀୟ ସଂସ୍କୃତି ପ୍ରତି ତାଙ୍କର ଉତ୍ସାହ ବଢିଥିଲା। ଏବେ ସେ ଥମ୍ମାସାଟ୍ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଅଧ୍ୟୟନ ଜରିଆରେ ବୈଶ୍ୱିକ ମାମଲାରେ ଜ୍ଞାନ ଆହରଣ କରୁଛନ୍ତି। ଅନ୍ତର୍ଜାତୀୟ ସମ୍ପର୍କ ଉପରେ ତାଙ୍କର ଫୋକସ୍ ରହିଛି। ୧୬ ବର୍ଷ ବୟସରେ ତାଙ୍କ ସ୍ତନରେ ଗଣ୍ଠିର ସର୍ଜରୀ ହୋଇଥିଲା। ପରେ ସେ 'ଓପଲ୍ ଫର୍ ହର୍' ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ସ୍ତନ ସ୍ୱାସ୍ଥ୍ୟ ସଚେତନତା ଓ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଚିହ୍ନଟ ଉପରେ ଫୋକସ୍ କରିଥିଲେ। ତେବେ ଗତ ମେ' ଆରମ୍ଭରୁ ହାଇଦ୍ରାବାଦରେ ୭୨ତମ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏଥିରେ ଶୀର୍ଷ ୮ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିବାରେ ବିଫଳ ହୋଇଥିଲେ ଭାରତର ନନ୍ଦୀନି ଗୁପ୍ତା। ଦମ୍ଦାର ପ୍ରଦର୍ଶନ ସତ୍ତ୍ୱେ ସେ ଫାଇନାଲ ରାଉଣ୍ଡକୁ ପହଞ୍ଚି ପାରିଲେ ନାହିଁ। ଟାଇଟଲ୍ ହରାଇ ମଧ୍ୟ ସେ ଦେଶ ପାଇଁ ଗର୍ବ ଓ ଗୌରବର ପ୍ରତୀକ ହୋଇଛନ୍ତି। ମିସ୍ ରାଜସ୍ଥାନ ଟାଇଟଲ୍ ଜିତିବା ପରେ ସେ ମିସ୍ ଇଣ୍ଡିଆ-୨୦୨୩ ଟାଇଟଲ ଜିତିଥିଲେ। ୨୦ ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ହେଲେ ଟପ୍ ୮ରେ ରହିପାରିଲେ ନାହିଁ ନନ୍ଦିନୀ ଗୁପ୍ତା।

# ଏମି ବିଜେତା ଅଭିନେତ୍ରୀ ଲୋଟେରା ସ୍ୱିଫ୍ଟଙ୍କ ଦେହାନ୍ତ



ମୁମ୍ବାଇ, ୧।୫ (ହି.ସ): ମନୋରଞ୍ଜନ ଜଗତରୁ ଏକ ଅତ୍ୟନ୍ତ ଦୁଃଖଦ ଖବର ଆସିଛି। ଏମି ଆୱାର୍ଡ଼ରେ ସମ୍ମାନିତ ଅଭିନେତ୍ରୀ ଲୋଟେରା ସ୍ୱିଫ୍ଟଙ୍କ ହୋଇଛି ଦେହାନ୍ତ। ସେ ୮୭ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। କ୍ଲାସିକ୍ ଆମେରିକୀୟ କମେଡି ଶୋ' ମାସ୍‌ରେ ମେଜର ମାଗରିଟ 'ହଟ୍ ଲିପ୍ସ' ହୌଲିହାନ ଭାବରେ ଜଣାଶୁଣା ଲୋଟେରା ସ୍ୱିଫ୍ଟଙ୍କ ମୃତ୍ୟୁ ପ୍ରାକୃତିକ କାରଣ ଯୋଗୁଁ ହୋଇଥିବା ବିଶ୍ୱାସ କରାଯାଏ। ଅଭିନେତ୍ରୀ ଲୋଟେରା ସ୍ୱିଫ୍ଟ ନ୍ୟୁୟର୍କ ସିଟିରେ ତାଙ୍କ ଘରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଅଭିନେତ୍ରୀ ଲୋଟେରା ସ୍ୱିଫ୍ଟ ତାଙ୍କ କ୍ୟାରିଅରରେ ଅନେକ ଭଲ ଶୋ କରିଛନ୍ତି। ଏହା ବ୍ୟତୀତ ସେ ଆଲାନ୍ ଆଲଡାଙ୍କ ସହିତ ମାସ୍‌ରେ ତାଙ୍କର ଭୂମିକା ପାଇଁ ଲୋକପ୍ରିୟ ହୋଇଥିଲେ। ଏହି କାର୍ଯ୍ୟକ୍ରମଟି ୧୯୭୨ରୁ ୧୯୮୩ ପର୍ଯ୍ୟନ୍ତ ଟିଭିରେ ପ୍ରସାରିତ ହୋଇଥିଲା। ୧୯୭୨-୧୯୮୩ ପର୍ଯ୍ୟନ୍ତ ଚାଲିଥିବା ଶୋ' ମାସ୍ ପାଇଁ ଲୋଟେରା ସ୍ୱିଟ୍ ଦୁଇଟି ଶ୍ରେଷ୍ଠ ସହ-ଅଭିନେତ୍ରୀ ଏମି ପୁରସ୍କାର ଏବଂ ୧୦ଟି ଅନ୍ୟ ନାମାଙ୍କନ ପାଇଥିଲେ। ଏହି ଶୋ'ରେ ସେ ମେଜର ମାର୍ଗାରେଟ 'ହଟ୍ ଲିପ୍ସ' ହୌଲିହାନ ଭୂମିକାରେ ଅଭିନୟ କରିଥିଲେ। ତାଙ୍କୁ ଜଣେ କାମୁକ, କଠୋର କିନ୍ତୁ ଦୁର୍ବଳ ଦେଶପ୍ରେମୀ ନର୍ସ ଭୂମିକାରେ ଦେଖିବାକୁ ମିଳିଥିଲା। ତାଙ୍କ ଚରିତ୍ରକୁ ଦର୍ଶକ ବହୁତ ପସନ୍ଦ କରିଥିଲେ। ଏହି କାରଣରୁ ସେ ସବୁଦିନ ପାଇଁ ସ୍ମରଣୀୟ ହୋଇଗଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik